# ଚାକିରି ଛାଡ଼ିଲେନି ଝିଅ: ବାସନ୍ଦ ହେଲେ ପରିବାର

**ହିଞ୍ଜିଳିକାଟୁ,୨।୧୦(ଡି.ଏନ୍.ଏ.)**

ଗ୍ରାମ୍ୟ କମିଟି ନିଷ୍ପତ୍ତି ନାମରେ କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଅନ୍ଧାରି ଶାସନରେ ଦୁର୍ବିଷହ ଜୀବନ କାଟୁଛନ୍ତି ଗୋଟିଏ ପରିବାର। ଜଣେ ବିବାହିତା ମହିଳାଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରି ଚରମ ନିଷ୍ପତ୍ତି ଶୁଣାଇଛନ୍ତି ଗ୍ରାମର କିଛି ବ୍ୟକ୍ତି। ଝିଅକୁ ଚାକିରୀ ଛାଡ଼ି ସ୍ୱାମୀଙ୍କ ସହ ଗାଁରେ ରହିବାକୁ ବାଧ କରିଛନ୍ତି। ଏଥିରେ ରାଜି ନ ହେବାରୁ ୫ହଜାର ୫ଶହ ଜରିମାନା ସହ ଗାଁରେ ଡେଙ୍ଗୁରା ଦେଇ ସାମାଜିକ ବାସନ୍ଦ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଛି ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ଗ୍ରାମରୁ।


ବାସନ୍ଦ ମୁକ୍ତି ପାଇଁ ନିବେଦନ କରୁଛନ୍ତି ନାଡ଼ି ଭଗବାନ ଓ ନାଡ଼ି ରାଜେଶ୍ୱରୀ।

ପ୍ରକାଶ ଯେ, ବଡ଼ଖଣ୍ଡି ଗ୍ରାମର ନାଡ଼ି ଭଗବାନ ଓ ନାଡ଼ି ରାଜେଶ୍ୱରୀଙ୍କ ୩ ଝିଅ। ସାନଝିଅ ମମତା ଗଜପତି ଜିଲା ଲକ୍ଷ୍ମୀପୁର ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ସେ ବଡ଼ଖଣ୍ଡି ଗ୍ରାମରେ ବିବାହ କରିଥିଲେ। କୌଣସି କାରଣରୁ ମମତା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ୧୫ ଜୁନରେ ଏନେଇ ଗ୍ରାମ୍ୟ କମିଟିରେ ବିଚାର ହୋଇଥିଲା। ଚାକିରି ଛାଡ଼ି ସ୍ୱାମୀଙ୍କ ସହ ରହିବାକୁ କମିଟିରେ ନିଷ୍ପତ୍ତି ହୋଇଥିଲା। ମାତ୍ର ମମତା ଏଥିରେ ରାଜି ହୋଇ ନ ଥିଲେ। ୪ ଜୁଲାଇରେ ଗାଁରେ ଡେଙ୍ଗୁରା ଦେଇ ତାଙ୍କ ପରିବାରଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ଏନେଇ ନାଡ଼ି ଭଗବାନ ଓ ତାଙ୍କ ସ୍ତ୍ରୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଗ୍ରାମର କିଛି ବ୍ୟକ୍ତିଙ୍କୁ ନେଇ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ବାସନ୍ଦ ପରିବାରଙ୍କ ସହ ଗ୍ରାମରେ କେହି କଥା ହେଲେନାହିଁ। ମୂଲିଆ ନ ମିଳିବାରୁ ଜମି ପଡ଼ିଆ ରହିଲା। ଏକମାତ୍ର ପୁଅ ଗାଁ ଛାଡି ବାହାରକୁ ଚାଲିଗଲା। ଏବେ ନାଡ଼ି ଭଗବାନଙ୍କ ପରିବାର ଗଜପତି ଜିଲା ଲକ୍ଷ୍ମୀପୁରରେ ଝିଅ ମମତାଙ୍କ ସହ ରହୁଛନ୍ତି। ନାଡ଼ି ଭଗବାନ ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ଜିଲାପାଳ, ଗଞ୍ଜାମ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଗତ ଅଗଷ୍ଟରୁ ନିବେଦନ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାଶ କୁହନ୍ତି, ସେ ଗ୍ରାମରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି, ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।

## ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଘାଟିତ

# ସଚେତନତା ବଢ଼ିଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିବ


ଅତିଥିମାନେ ପତାକା ହଲାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଭଞ୍ଜନଗର,୨।୧୦(ଡି.ଏନ.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ବୁଧବାର ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ସ୍ଥାନୀୟ ବନ ବିଭାଗ ଡ଼ାକବଙ୍ଗଳା ପରିସରରୁ ଏକ ସଚେତନତା ରଥ ବାହାରିଥିଲା। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥଟି ସପ୍ତାହ ବ୍ୟାପି ବନଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରିବ। ପ୍ରଥମ ଦିବସରେ ରଥ ଗଣ୍ଡିଶୁଳା, ସିଧାପଦର, ବୁଦୁଲି, ରାଜକୁଣ୍ଡ, ବେଣାକୁନ୍ଦା ପ୍ରମୁଖ ଗ୍ରାମ ପରିକ୍ରମା କରିଛି। ଏହି ସମୟରେ ଜଗା ବଳିଆ ଦାସ କାଠିଆର କଳାକାରମାନେ ଲୋକଙ୍କୁ ସଚେତନତା କରାଇବେ। ଉପ ଜିଲାପାଳ ମିଞ୍ଜ କହିଥିଲେ, ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବ, ଏଥିପ୍ରତି ସମସ୍ତେ ସଚେତନ ହେବାକୁ ପଡ଼ିବ। ଆମିଷ ବଦଳରେ ଶାକାହାରୀ ହେବାକୁ ପଡ଼ିବ। ଆମିଶ ଲୋଭ ଏବଂ ବିଭିନ୍ନ ବନ୍ୟପ୍ରାଣୀଙ୍କ ଦାନ୍ତ, ଚମଡ଼ା ଚଢ଼ା ଦରରେ ବଜାରରେ ବିକ୍ରି ହେଉଥିବା ଯୋଗୁ ବନ୍ୟଜନ୍ତୁ ଶିକାର ହେଉଛି। ଏହିଭଳି ବେନିୟମ କାର୍ଯ୍ୟକୁ ରୋକିବାକୁ ପଡ଼ିବ। ଉତ୍ସବରେ ଡ଼ି.ଏଫ.ଓ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ପ୍ରୋବେସନର ଓଏଫଏସ୍ ନିବେଦିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ ଅନୁପମ ବାନାର୍ଜି ସଂଯୋଜନା କରିଥିଲେ। ବନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

**ପୋଲସରା,୨।୧୦**

ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଅପରାହ୍ନରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତା କରିଥିଲେ। ପ୍ରଥମେ ବିଧାୟକ ଓ ଅନ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସମିତି ଅଧକ୍ଷ ବଳରାମ ସେଠୀ, ବିଡିଓ ଶମ୍ଭୁନାଥ ନନ୍ଦୀ, ମେଡିକାଲ ଇନଚାର୍ଜ ଗୋପବନ୍ଧୁ ବେହେରା, ସିଡିପିଓ, ଏବିଇଓ, ଭଗବାନ ସାହୁ, ସୀମାଞ୍ଚଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ



ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ସମସ୍ୟା ଉପରେ ଆଲୋଚନା କରାଯାଇ ସେଠାରେ ଷ୍ଟାଫ ଓ ଡାକ୍ତରଙ୍କର ଅଭାବ ଥିବା ବିଧାୟକଙ୍କୁ ଜଣାଯାଇଥିଲା। କିଛି ଦିନ ମଧ୍ୟରେ ଆଉ ୨ ଜଣ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ୍‌ଙ୍କୁ ନିଯୁକ୍ତି କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନ୍ୟ ସମସ୍ୟାର ମଧ୍ୟ ସମାଧାନ କରାଯିବ ସେ କହିଥିଲେ। ବିଧାୟକ କହିବା ଅନୁଯାୟୀ, ପ୍ରତି ମାସରେ ଥରେ ଏହି କମିଟି ବସି କ'ଣ ପ୍ରସ୍ତାବ ଥିଲା ଓ କ'ଣ ହୋଇଛି ଏ ନେଇ ବିଡିଓଙ୍କ ତତ୍ତ୍ୱାବଧାନରେ ଆଲୋଚନା ହେବ। ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିପାଇଁ ମୋତିରାମ ସାହୁ, ଅଶୋକ କୁମାର ବକ୍ଷୋୟୀ ଓ ସନ୍ତୋଷ କୁମାର ପାତ୍ରଙ୍କୁ ଚୟନ କରାଯାଇଛି।


**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
Category I University with graded Autonomy by MHRD
**WALK-IN-INTERVIEW**

No. Estt-II / 1183 (Pt.) / 28531/ 2019 Dated: 01.10.2019

Interested candidates having B.Sc. Nursing from any recognized Institution may attend the **walk-in-interview on 22.10.2019 at 11.00 AM** for engagement of one Nurse in the University Health Centre, Utkal University with a consolidated remuneration of ₹ 13,500/- per month. The engagement is purely temporary for a period of one year. Candidates are required to come with their Bio-data along with self attested copies of certificates and original certificates and report between 10.00 AM to 11.00 AM in the University Health Centre for verification.

No TA / DA will be paid for the purpose.

Sd/- REGISTRAR



୧୪ତମ ଜନ୍ମଦିନ ଶୁଭେଚ୍ଛା



ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ପ୍ରିନ୍ସ)
ଜଗତ୍‌ସିଂହପୁର(ପ୍ରହରାଜପୁର-ମଣ୍ଡାସାହି)
ତୁମର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେମା', ଦାଦା, ଖୁଡ଼ୀ, ପିଇସା, ପିଇସୀ, ବାପା ଓ ମମି।
Ph: 9556972120, 9937796500
ଧ-୧୪୫୮୧


# ଘଡ଼ଘଡ଼ି ସହ ବର୍ଷା: ବିଦ୍ୟୁତ୍ ସେବା ବ୍ୟାହତ

**ଭଞ୍ଜନଗର,୨।୧୦(ଡି.ଏନ.ଏ.)**

ଭଞ୍ଜନଗର ଅଞ୍ଚଳରେ ବୁଧବାର ଅପରାହ୍ନ ୪ଟାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବିଶେଷ ଭାବେ ସାଉଥ୍‌କୋର କ୍ଷତି ହୋଇଛି। ଘଡ଼ଘଡ଼ି ଯୋଗୁ କଣ୍ଟେଇପଲ୍ଲୀ ଗ୍ରୀଡ଼ରୁ ଭଞ୍ଜନଗର ଆସିଥିବା ୩୩ କେଭି ଲାଇନର ଏକାଧିକ ଇନ୍‌ସୁଲେଟର ଫୁଟିଯାଇଛି। ଫଳରେ ୪ଟାରୁ ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଲଗାଣ ବର୍ଷା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସାଉଥ୍‌କୋ କର୍ମଚାରୀ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବାକୁ ଚେଷ୍ଟା ଚଳାଇଛନ୍ତି। ରାତି ୭ଟା ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ଏନେଇ ସାଉଥ୍‌କୋ ସହକାରୀ ନିର୍ବାହୀଯନ୍ତ୍ରୀ ହୃଦୟ ବଲ୍ଲବ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଡ଼ଘଡ଼ି ମାରିବା ଯୋଗୁ ଏହି ସମସ୍ୟା ଉପୁଜିଛି। ରାତି ୮ଟା ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଚେଷ୍ଟା ଚାଲିଛି। ଅପରପକ୍ଷେ କଣ୍ଟେଇପଲ୍ଲୀ ଗ୍ରୀଡ଼ରୁ ଭଞ୍ଜନଗର ସବ୍ ଷ୍ଟେସନକୁ ୮ କିମି ଦୂର ହୋଇଥିବାବେଳେ ଗୋଟିଏ ହିଁ ୩୩ କେଭି ଲାଇନ ଅଛି। ଉକ୍ତ ଲାଇନରେ ତ୍ରୁଟି ହେଲେ ଲୋକେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ବିଗତ ୨ ବର୍ଷ ହେବ ରାସ୍ତା ଉପରେ ୩୩ କେଭି ନୂଆ ଲାଇନ କାମ ଚାଲିଛି। ବିଭିନ୍ନ କାରଣ ଯୋଗୁ ତାହା ମନ୍ଥର ଗତିରେ ଚାଲିଛି। ଉକ୍ତ କାମ ପୂର୍ଣ୍ଣାଙ୍ଗ ହେଲେ ସହରର ବିଦ୍ୟୁତ୍ ସମସ୍ୟା ଦୂର ହେବ। ତେଣୁ ଦ୍ୱିତୀୟ ଲାଇନ କାମ ତୁରନ୍ତ ସାରିବାକୁ ଦାବି ହୋଇଛି।

## ଜୁଆ ଆଡାରେ ଚଢାଉ, ୧୦ ଜୁଆଡି ଗିରଫ

**ଆସିକା,୨।୧୦(ଡି.ଏନ୍.ଏ.):**

ଆସିକା ଥାନା କୋଚିନ୍ଦା ଫାଣ୍ଡି ଅନ୍ତର୍ଗତ ସୂତାକଳ ଶିବ ମନ୍ଦିର ଓ ଆସିକା ଥାନା ଅନ୍ତର୍ଗତ ରଘୁନାଥ ନଗରଠାରେ ବୁଧବାର ସନ୍ଧ୍ୟାରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୧୦ ଜଣଙ୍କୁ ଗିରଫ କରିଛି। ସୂତାକଳ ଶିବ ମନ୍ଦିର ନିକଟ ଜୁଆ ଆଡ୍ଡାରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ସେଠାରୁ ୧୭,୨୦୦ ଟଙ୍କା, ଦୁଇଟି ବାଇକ ଓ ତାସ ଜବତ କରାଯାଇଛି। ସେହିପରି ରଘୁନାଥନଗର ଠାରେ ଚାଲିଥିବା ଜୁଆଆଡ୍ଡାରୁ ୫ ଜଣଙ୍କୁ ଗିରଫ କରାଯିବା ସହ ୭,୪୦୦ ଟଙ୍କା, ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ.୩୪୪/୧୯ ଓ ୩୪୫/୧୯ରେ ପୃଥକ ୨ଟିମାମଲା ରୁଜୁକରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଦୁର୍ନୀତି ଅଭିଯୋଗରେ ଆମରଣ ଅନଶନ

## ପ୍ରତିଶ୍ରୁତି ପରେ ଓହରିଲେ

**ଟିକିଟି,୨।୧୦(ଡି.ଏନ.ଏ.)**

ଟିକିଟି ବ୍ଲକ୍ ନୂଆପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ୧୭ ଜୁଲାଇ ୨୦୧୯ରେ ଗ୍ରାମର ସୂଚନା ଅଧିକାରୀ କର୍ମୀ ହୃଷୀକେଶ ନାୟକ ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ୨ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା କୌଣସି ତଦନ୍ତ ନ ହେବାରୁ ବୁଧବାର ଆମରଣ ଅନଶନରେ ବସିଥିଲେ। ସୂଚନାଯୋଗ୍ୟ, ୨ମାସ ତଳେ ନୂଆପଡା ଗ୍ରାମର ବହୁ ପୁରାତନ ଜୟନ୍ତୀ ପାଠାଗାର ପରିଚାଳନାର ଆୟବ୍ୟୟକୁ ନେଇ ଗ୍ରାମର ୨ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ସରପଞ୍ଚ ଏସ. ମମତାଙ୍କ ଦିଅର ଏସ୍. ଧର୍ମାରାଜ୍ ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଉଥିବାବେଳେ ଅନ୍ୟଗୋଷ୍ଠୀରେ ହୃଷୀକେଶ ନେତୃତ୍ୱ ନେଇଥିଲେ। ପାଠାଗାରର ସରକାରୀ ଅନୁଦାନ, ସ୍ଥାବର ଅସ୍ଥାବର ସମ୍ପତ୍ତିର ହିସାବ ଦାବିରେ ସରପଞ୍ଚ ଜିଲାପାଳଙ୍କ ନିକଟକୁ ଲିଖିତ ଅଭିଯୋଗ ପଠାଇବାପରେ ଏବେ ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଗଣ୍ଡଗୋଳ ଆଶଙ୍କାରେ ଟିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଜରଡା ଓ ଦିଗପହଣ୍ଡିଥାନା ଅଧିକାରୀ ବସନ୍ତ ସେଠୀ ଓ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ସମେତ ଏକ ସେକ୍ସନ ଫୋର୍ସ ମୁତୟନ ହୋଇଛନ୍ତି। ଟିକିଟି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ପଟ୍ଟନାୟକ, ଏବିଡିଓ ରମାକାନ୍ତ ସାହୁ ପ୍ରମୁଖ ପହଞ୍ଚି ୧୫ଦିନ ମଧ୍ୟରେ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେବାପରେ ହୃଷୀକେଶ ଧାରଣାରୁ ଓହରିଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଅମ୍ବିକା ଚରଣ ପଟ୍ଟନାୟକ
Plot- 4971/10, V.S.S Nagar, Bhubaneswar
ଆବିର୍ଭାବ: ୩୧।୦୩।୧୯୩୭
ତିରୋଧାନ:୦୩।୧୦।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମମାନଙ୍କୁ ଦୁଃଖ ସାଗରରେ ଛାଡ଼ି ଚାଲିଗଲ କେଉଁ ଅଜଣା ଦୁନିଆକୁ। ତୁମର ସେହି ହସ ହସ ମୁହଁ, ସ୍ନେହଭରା କଥା, ସମୟୋଚିତ ଶିକ୍ଷା ଆଜି ମଧ୍ୟ ଅଲିଭା ହୋଇ ରହିଅଛି ଆମମାନଙ୍କ ମନରେ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, କନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୬୭୩



ଧ-୧୪୬୭୪


# ହତ୍ୟା ଘଟଣାରେ ଯୁବକଙ୍କୁ ଉଠାଇନେଲା କେରଳ ପୋଲିସ

**ଆସିକା,୨।୧୦(ଡି.ଏନ୍.ଏ):**

ଏକ ହତ୍ୟା ଘଟଣାରେ ଗାଙ୍ଗପୁର ଥାନା ଝାଡବନ୍ଧ ପଞ୍ଚାୟତ ଲଟାପଲ୍ଲୀ ଗ୍ରାମର ଜଣେ ଯୁବକଙ୍କୁ ମଙ୍ଗଳବାର ରାତିରେ କେରଳ ପୋଲିସ ଉଠାଇ ନେଇଛି। ସେ ହେଲେ ତୋଫାନ ମଲିକ (୨୦)। ଗତ ୨୮ ତାରିଖରେ କେରଳର ମାଠିଲାକନ ଥାନା ଇଲାକାରେ ଭିଜିତ (୪୦) ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସେଠାକାର ପୋଲିସ ସନ୍ଦେହରେ ତୋଫାନଙ୍କୁ ନେଇଥିବା ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି। ଭିଜିତ ହତ୍ୟା ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା କେରଳ ପୋଲିସ ଖବର ପାଇଥିଲା। ଘଟଣାସ୍ଥଳରୁ ମିଳିଥିବା ଏକ ମୋବାଇଲ ଫୋନକୁ ତୋଫାନ ଓ କେରଳର ୨ ଜଣ ବାରମ୍ବାର ଫୋନ କରିଥିବା ଜଣାପଡ଼ିଥିଲା। ତେଣୁ କେରଳ ପୋଲିସ ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଗାଙ୍ଗପୁର ପୋଲିସର ସହାୟତା ନେଇ ସଂପୃକ୍ତ ଗ୍ରାମରେ ପହଞ୍ଚି ତୋଫାନଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ତୋଫାନ ଶ୍ରମିକ ଭାବେ କେରଳର ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଭିଜିତ ମଧ୍ୟ ତାଙ୍କ ସହ ମିଶି ସେଠାରେ କାର୍ଯ୍ୟ କରୁଥିଲେ। କେଉଁ ପରିସ୍ଥିତିରେ ଭିଜିତଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଉକ୍ତ ଘଟଣାରେ ତୋଫାନ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।




## ସଂକ୍ଷେପରେ

### ଅଙ୍ଗୀକାର କାର୍ଯ୍ୟକ୍ରମ ଶୁଭାରମ୍ଭ

ଦିଗପହଣ୍ଡି,୨।୧୦(ଡି.ଏନ.ଏ.): ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ୍ରମେ ବୁଧବାର ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅଙ୍ଗୀକାର ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଏନ୍‌ଏସି ପ୍ରଶାସକ ସଚ୍ଚିଦାନନ୍ଦ ନାୟକ, ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ବେହେରା, ଆଇନଜୀବୀ ହରପ୍ରସାଦ ରଥ, ଆବାସ ଯୋଜନା ସଂଯୋଜକ ରାକେଶ ନାୟକ, ଉପେନ୍ଦ୍ର ପଣ୍ଡା, ଏଏନ୍‌ଏମ ମଞ୍ଜୁଳା କୁମାରୀ ମହାନ୍ତି, ସାଧନା ମହିଳା ସଂଘ ସଭାନେତ୍ରୀ ବିଜୟଲକ୍ଷ୍ମୀ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅଭିଯାନ ଡ଼ିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଏହି ଅବସରରେ ଜଳସମ୍ପଦ, ଶକ୍ତି , ଶିକ୍ଷାବ୍ୟବସ୍ଥା ଓ ସ୍ୱାସ୍ଥ୍ୟାବସ୍ଥାର କିପରି ସଦୁପଯୋଗ କରିପାରିବା ସହ ନୂତନ ଭାରତ ଗଠନ ଦିଗରେ ଆଲୋଚନା କରାଯାଇଥିଲା।

### ଶୋଭା ଫାଉଣ୍ଡେଶନର 'ମୋ ଗାନ୍ଧୀ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨।୧୦: ସାମାଜିକ ଅନୁଷ୍ଠାନ ଶୋଭା ଫାଉଣ୍ଡେଶନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ 'ମୋ ଗାନ୍ଧୀ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହିଲ୍‌ପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥଲେ। ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେଏସ୍‌ୟୁବି କଲେଜର ଅଧକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ 'ମୋ ଗାନ୍ଧୀ' ସ୍ମରଣୀକା ଉନ୍ମୋଚିତ ହୋଇଥିଲା। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ମାଧମିକ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ବଂଶଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଷ୍ଟର ନନସେନ୍ସ କାର୍ଯ୍ୟକ୍ରମର ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, ହାସ୍ୟ ଅଭିନେତା ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ମନୋରଞ୍ଜନ କରିଥିଲେ। ରାମନାରାୟଣ କଲେଜ ଦ୍ୱାରା ଛାତ୍ରୀଛାତ୍ରମାନେ ଅନ୍ଧବିଶ୍ୱାସ ପ୍ରଥା ଉପରିସ୍ଥ ଏକ ନାଟକ ପରିବେଷଣ କରିଥିଲେ। ସିଟି କଲେଜର ପୂର୍ବତନ ଅଧକ୍ଷ କମ୍ବୁପାଣି ସାହୁ, ଡ. ଲମ୍ବୋଦର ପାଣିଗ୍ରାହୀଙ୍କ ସମେତ ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ■କାର୍ଯ୍ୟକ୍ଷମ ହେଲା ହଳଦିଆପଦର ବସ୍ ଟର୍ମିନାଲ

# ପ୍ରଥମେ ଚାଲିଲା ଓଏସ୍‌ଆରଟିସି, କଣ୍ଟ୍ରାକ୍ଟ କ୍ୟାରିୟର ବସ୍

ବ୍ରହ୍ମପୁର ଅଫିସ,୨।୧୦

ଦୀର୍ଘ ୩ ବର୍ଷ ପରେ କାର୍ଯ୍ୟକ୍ଷମ ହେଲା ହଳଦିଆପଦର ବସ୍ ଟର୍ମିନାଲ। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଅନ୍ୟ ଜିଲାକୁ ଯାତାୟାତ କରୁଥିବା ସମସ୍ତ ଓଏସ୍‌ଆରଟିସି ବସ୍ ଟର୍ମିନାଲରୁ ବୁଧବାର ଚଳାଚଳ ଆରମ୍ଭ କରିଛି । ଦିନରେ ୩ ଟି ବସ୍ ଷ୍ଟାଣ୍ଡରୁ ଯାଇଥିବା ବେଳେ ସନ୍ଧ୍ୟା ଓ ରାତିରୁ ସମସ୍ତ ଓଏସ୍‌ଆରଟିସି ବସ୍ ଷ୍ଟାଣ୍ଡରୁ ଚଳାଚଳ କରିବା ନେଇ ସୂଚନା ମିଳିଛି । ଅନ୍ୟପକ୍ଷରେ ହଳଦିଆପଦର ବସ୍‌ଷ୍ଟାଣ୍ଡରୁ ଯାତ୍ରୀଙ୍କୁ ସିଟି ବସ୍‌ଷ୍ଟାଣ୍ଡ ତଥା ସହର ମଧକୁ ଯାତାୟାତ ସୁବିଧା ନିମିତ୍ତ ୩ ରୁଟରେ ୧୦ ସିଟି ବସ୍ ଚଳାଚଳ କରିଥିବା ସୂଚନା ମିଳିଛି ।

ବ୍ରହ୍ମପୁର ସହର ମଧରେ ବସ୍ ଚଳାଚଳ ଯୋଗୁ ଟ୍ରାଫିକ ସମସ୍ୟା ହ୍ରାସ ପାଇଁ ୨୦୧୬ରେ ହଳଦିଆପଦରରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନର ଦୀର୍ଘ ୩ ବର୍ଷ ପରେ ଏହି ଅତ୍ୟାଧୁନିକ ଟର୍ମିନାଲ ବୁଧବାରରୁ କାର୍ଯ୍ୟକ୍ଷମ ହୋଇଛି। ଜିଲା ପ୍ରଶାସନର ପୂର୍ବ ନିଷ୍ପତ୍ତି ପ୍ରକାରେ ପ୍ରଥମ ପର୍ଯ୍ୟାୟରେ ଟର୍ମିନାଲରୁ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ପ୍ରାୟ ୧୭ ଓଏସ୍‌ଆର୍‌ଟିସି ବସ୍ ଯାତାୟାତ ଆରମ୍ଭ କରିଛି । ବୁଧବାର ବାଲିମେଳା, ବଡଗଡ ଓ ହୀରାକୁଦକୁ ବସ୍ ଚଳାଚଳ କରିଥିବା ବେଳେ ସନ୍ଧ୍ୟାରେ ପଦ୍ମପୁର, ବଲାଙ୍ଗୀର ଓ ବୁର୍ଲାକୁ ମଧ ବସ୍ ଯାତ୍ରା କରିଛି । ତେବେ ଆନ୍ଧ୍ର ଦେଇ ଯାତାୟାତ କରୁଥିବା ବସ୍ ସିଧାସଳଖ ଟର୍ମିନାଲରୁ ଜାତୀୟ ରାଜପଥ ଦେଇ ଯାତ୍ରା କରିଥିବା ବେଳେ ଅନ୍ୟାନ୍ୟ ବସ୍‌ଗୁଡିକ ଲାଞ୍ଜିପଲ୍ଲୀ, କମାପଲ୍ଲୀ, ସିଟି ବସ୍‌ଷ୍ଟାଣ୍ଡ ଓ ଗେଟବଜାର ଦେଇ ଯାତ୍ରାରମ୍ଭ କରିଛି। ସିଟି ବସ୍‌ଷ୍ଟାଣ୍ଡରେ ଓଏସ୍‌ଆରଟିସି ବସ୍‌ଗୁଡିକ ମାତ୍ର ୧୦ମିନିଟ ପାଇଁ ରହିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରଥମଦିନରେ ମାତ୍ର ୨ ଟି ଟିକେଟ ବିକ୍ରି ହୋଇଥିବା ଜଣାପଡିଛି। ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ଓଏସ୍‌ଆର୍‌ଟିସିରେ କାର୍ଯ୍ୟରତ କର୍ମଚାରୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରହ୍ମପୁରରୁ ପଦ୍ମପୁରକୁ ଯାତ୍ରା କରୁଥିବା ଓଏସ୍‌ଆର୍‌ଟିସିର ଡ୍ରାଇଭର ନିରଞ୍ଜନ ଗରସେଲ କହିଛନ୍ତି, ସିଟି ବସ୍‌ଷ୍ଟାଣ୍ଡରୁ ଏଠାରେ ସୁବିଧା ଭଲ ରହୁଛି । ଶୌଚାଳୟ ସୁବିଧା ଅଛି, କିନ୍ତୁ ପାନୀୟ ଜଳରେ କେତେକ ସମସ୍ୟା ରହିଛି । ଖାଇବା ପାଇଁ ଟିକେ ଦୂରକୁ ଯିବାକୁ ପଡୁଛି। ଖୁବଶୀଘ୍ର ବସ୍‌ଷ୍ଟାଣ୍ଡରେ ଖାଇବା, କ୍ୟାଣ୍ଟିନ ବ୍ୟବସ୍ଥା ଓ ଶୌଚାଳୟ ପରିଚାଳନା ନିମିତ୍ତ କର୍ମଚାରୀ ନିଯୁକ୍ତି, ପାନୀୟ ଜଳ ବ୍ୟବସ୍ଥା ଉପରେ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବସ୍‌ଷ୍ଟାଣ୍ଡରୁ କଣ୍ଟ୍ରାକ୍ଟ କ୍ୟାରିୟର ଯଥା ଭୁବନେଶ୍ୱର, କଟକ ଓ ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରୁଥିବା କଣ୍ଟ୍ରାକ୍ଟ କ୍ୟାରିୟର ବସ୍‌ଗୁଡିକ ମଧ ଷ୍ଟାଣ୍ଡରୁ ଚଳାଚଳ ଆରମ୍ଭ କରିଛି । ଏହାବାଦ୍ ସହର ମଧକୁ ତଥା ସିଟି ବସ୍‌ଷ୍ଟାଣ୍ଡରୁ ଚଳାଚଳ କରୁଥିବା ଆନ୍ଧ୍ର ଘରୋଇ ବସ୍‌ଗୁଡିକୁ ସ୍ଥାନାନ୍ତର କରିବା ଦିଗରେ ମଧ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ଏହାବ୍ୟତୀତ ଯାତ୍ରୀଙ୍କ ସୁବିଧା ନିମିତ୍ତ ହଳଦିଆପଦରରୁ ୩ ରୁଟ୍‌ରେ ୧୦ ସିଟି ବସ୍ ଚଳାଚଳ ମଧ ଆରମ୍ଭ ହୋଇଛି। ହଳଦିଆପଦରରୁ ସିଟି ବସ୍‌ଷ୍ଟାଣ୍ଡ ହୋଇ ଜଗଦଳପୁର, ହଳଦିଆପଦର ବସ୍‌ଷ୍ଟାଣ୍ଡରୁ ଲାଞ୍ଜିପଲ୍ଲୀ ଓଭରବ୍ରିଜ ଦେଇ ସିଟି ବସ୍‌ଷ୍ଟାଣ୍ଡ ଏବଂ ହଳଦିଆପଦରରୁ ଗୋପାଳପୁର ଜଙ୍କସନ ଓଭରବ୍ରିଜ ହୋଇ ସିଟିବସ୍‌ଷ୍ଟାଣ୍ଡ ପ୍ରମୁଖ ୩ ରୁଟରେ ୧୦ ସିଟିବସ ଚଳାଚଳ ଆରମ୍ଭ କରିଛି । ଏହାର ଦିବା ଓ ରାତ୍ର ବିଭିନ୍ନ ସମୟରେ ଚଳାଚଳ କରିବା ନେଇ କମିଶନର ସୂଚନା ଦେଇଛନ୍ତି ।


ହଳଦିଆପଦର ବସ୍ ଟର୍ମିନାଲରେ ପହଞ୍ଚିଥିବା ଓଏସ୍‌ଆର୍‌ଟିସି ବସ୍ ।

■ସିଟି ବସ୍‌ଷ୍ଟାଣ୍ଡରୁ ୩ ରୁଟ୍‌ରେ ଚାଲିଲା ୧୦ ସିଟିବସ୍

■ପ୍ରଥମ ଦିନରେ କାଉଣ୍ଟରରେ ୨ ଟିକେଟ ବିକ୍ରି

## ସାପ କାମୁଡ଼ାରେ ଗଲାଣି ୩ ଜୀବନ

ବ୍ରହ୍ମପୁର ଅଫିସ,୨।୧୦

ଗଞ୍ଜାମ ଜିଲା ଗ୍ରାମାଞ୍ଚଳରେ ବର୍ଷା ଦିନେ ଅଧିକ ସାପ କାମୁଡ଼ା ଘଟଣା ଘଟୁଛି। ବର୍ଷା ଦିନରେ ସଂସାର ଉଜାଡ଼ି ଦେଉଛି ସାପ। ସପ୍ତାହରେ ୩ଜଣଙ୍କର ମୃତ୍ୟୁ ଘଟିଛି। ବୁଧବାର ଏମ୍‌କେସିଜି ମେଡିକାଲରେ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨୭ ତାରିଖ ରାତିରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ରାଳବ ଗ୍ରାମର ଜଣେ ଚାଷୀ କାମନା ପାଣ୍ଡିଙ୍କୁ ବିଲରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗୋପାଳପୁର ଥାନା ଟାଟା କଲୋନୀର ମଣ୍ଟୁ ଗୌଡ଼ ଯୁକ୍ତ ୨ର ଛାତ୍ର। ତାଙ୍କୁ ଗତ ୩୦ ତାରିଖ ରାତିରେ ସାପ କାମୁଡ଼ି ଦେଇଥିଲା। ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଧରାକୋଟ ଥାନା ଅନ୍ତର୍ଗତ ପୋଡାପଲ୍ଲୀ ଗ୍ରାମର ଜଣେ ନାବାଳକ ଆୟୁଷ ପ୍ରଧାନ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତାଙ୍କ ମୃତ୍ୟୁ ଘଟିଥିଲା।

## ■ବିଏମ୍‌ସିର ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ

# ପ୍ଲାଷ୍ଟିକ ମୁକ୍ତ, ସ୍ୱଚ୍ଛ ବ୍ରହ୍ମପୁର ପାଇଁ ଆହ୍ୱାନ


ବିଏମ୍‌ସି ପକ୍ଷରୁ ସୁଧୀର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ,୨।୧୦

ପ୍ଲାଷ୍ଟିକ ପରିବେଶ, ପ୍ରକୃତିର ଏକ ମୁଖ୍ୟ ଶତ୍ରୁ । ସୁସ୍ଥ ପରିବେଶ, ସ୍ୱାସ୍ଥ୍ୟ ପାଇଁ ଏହାର ବ୍ୟବହାର ହ୍ରାସ କରିବା ନିତାନ୍ତ ଆବଶ୍ୟକ। ବିଶେଷ କରି ଗଞ୍ଜାମ ଜିଲା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହେଲେ ପ୍ଲାଷ୍ଟିକ ବର୍ଜନ ଜରୁରୀ । ବୁଧବାର ବ୍ରହ୍ମପୁର ଷ୍ଟାଡିୟମରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉତ୍ସବରେ ଅତିଥିମାନେ ଏଭଳି ଆହ୍ୱାନ ଦେଇଛନ୍ତି । ବ୍ରହ୍ମପୁର ମହାନଗର ନିଗମ ଓ ଏନ୍‌ସିସି କ୍ୟାଡର ପକ୍ଷରୁ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବୁଧବାର ବ୍ରହ୍ମପୁର ଷ୍ଟାଡିୟମରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରକୁ ସୁନ୍ଦର କରିବା ଦିଗରେ ପ୍ଲାଷ୍ଟିକ ବର୍ଜନ ଦେଇ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନରେ ପ୍ରତ୍ୟେକ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଓଡିଶା କମ୍ପୋଜିଟ କମ୍ପାନୀର କମାଣ୍ଡ ଅଫିସର କଲୋନେଲ ଝା, କଲୋନେଲ ଭି. ଶଶୀଧର, କମାଣ୍ଡର କେ.ସି.ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ପ୍ଲାଷ୍ଟିକ ବର୍ଜନ ନେଇ ଶପଥପାଠ କରାଯାଇଥିଲା । ପରିବେଶ ସୁରକ୍ଷା ଦିଗରେ ନିଜର ଅବଦାନ ପାଇଁ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଚେୟାରମ୍ୟାନ ସୁଧୀର ରାଉତଙ୍କୁ ବିଏମ୍‌ସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପରିବେଶର ସୁରକ୍ଷା ତଥା ସମାଜ ପାଇଁ କାର୍ଯ୍ୟ କରି ଆସୁଥିବା ସବୁଜ ବାହିନୀ, ରବିନ ହୁଡ ଆର୍ମି, ବନ୍ଧନ ବ୍ୟାଙ୍କ, ଜେମ ପ୍ରାଇଭେଟ ଲିମିଟେଡ ଦ୍ୱାରା ତାଲିମ ପ୍ରାପ୍ତ ରାକ ପିକର୍ସଙ୍କୁ ନିଗମ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ସ୍କେଟିଂ ଏକାଡେମୀ, ସମସ୍ତ ସ୍କୁଲର ଏନସିସି କ୍ୟାଡେଟ, ଅଙ୍ଗୀକାର କ୍ୟାମ୍ପେନରେ ଶ୍ରେଷ୍ଠ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ପାଇଁ ଜି ଚିଟ୍ଟି ବାବୁ ରେଡ୍ଡୀ, ଜି. ନାଗାର୍ଜୁନ ରେଡ୍ଡୀ, ଏଚ.ପାର୍ବତୀ, ଦୁଙ୍ଗୁ ସାମଲ ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଥିଲ । ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ସ୍କୁଲ, କଲେଜର ଏନ୍‌ସିସି କ୍ୟାଡେଟଙ୍କୁ ନେଇ ଏକ ଶୋଭାଯାତ୍ରା ବ୍ରହ୍ମପୁର ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବିଏମ୍‌ସିର କର୍ମଚାରୀଙ୍କ ସମେତ ବିଭିନ୍ନ ସ୍କୁଲର ଏକ ହାଜରରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟ ସାମିଲ ହୋଇଥିଲେ ।

## ଗୃହ ପ୍ରବେଶ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୨।୧୦(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ହୁଗୁଳାପଟା ପଞ୍ଚାୟତରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧି ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ଯୋଜନାରେ ସାମିଲ ହୋଇ ଗୃହ ପାଇବାକୁ ଥିବା ହିତାଧିକାରୀଙ୍କୁ ନେଇ ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ କରିଛନ୍ତି। ଏଥିପାଇଁ ହୁଗୁଳାପଟା ପଞ୍ଚାୟତରେ ମଧ ହିତାଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପଞ୍ଚାୟତରେ ସରପଞ୍ଚ, ୱାର୍ଡ ସଭ୍ୟା ସଭ୍ୟ ତଥା ଜନସାଧାରଣଙ୍କୁ ନେଇ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇ ପ୍ରତି ଗାଁମାନଙ୍କୁ ଯାଇ ଗୃହ ପ୍ରବେଶ କାର୍ଯ୍ୟକ୍ରମ କରାଯାଇଥିଲା। ହୁଗୁଳାପଟା ସରପଞ୍ଚ ପ୍ରଦୀପ ମଲ୍ଲଣା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ପାଣିଗ୍ରାହୀ, ନାରାୟଣ ସାହୁ, ସୁଦାମ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ ଓ ନବୀନ ସ୍ୱାଇଁ ପ୍ରତି ହିତାଧିକାରୀଙ୍କ ଘରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ହିତାଧିକାରୀ କୁଳମଣି ସ୍ୱାଇଁ ଏବଂ ଅଜିତ କୁମାର ସ୍ୱାଇଁ ପୂଜାର୍ଚ୍ଚନା କରି ଗୃହ ପ୍ରେବେଶ କରିଥିଲେ।

## ୭ମ ଥର ପାଇଁ ଆନନ୍ଦ ସଭାପତି, ଉପେନ୍ଦ୍ର ସମ୍ପାଦକ

ବ୍ରହ୍ମପୁର ଅଫିସ,୨।୧୦

**ଖବରକାଗଜ ବିତରକ ସଂଘ ନିର୍ବାଚନ**

ଖବରକାଗଜ ବିତରକ ସଂଘ କର୍ମକର୍ତ୍ତା ନିର୍ବାଚନ ବୁଧବାର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡାଙ୍କ ଅଧକ୍ଷତାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ସଭାପତି ଭାବେ ଆନନ୍ଦ ରାଓ ନିର୍ବାଚିତ ହୋଇଛନ୍ତି। ସେ ସଂଘର ସପ୍ତମ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ବରିଷ୍ଠ ବିତରକ ଉପେନ୍ଦ୍ର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ଉଭୟେ ଦକ୍ଷତା ଓ ନିଷ୍ଠାର ସହିତ ତାଙ୍କର ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି । ଏଥିରେ କୋଷାଧକ୍ଷ ଭାବେ ଏସ୍. ପୂର୍ଣ୍ଣଚନ୍ଦ୍ର ଦୋରା, ଉପସଭାପତି ଟି. ଧର୍ମା ରେଡ୍ଡୀ, ଯୁଗ୍ମ ସମ୍ପାଦକ ଭାବେ ଏସ୍. ଆନନ୍ଦ ରାଓ ଓ ସଂଘ ସଦସ୍ୟ ଭାବେ ସନ୍ତୋଷ ପାଣିଗ୍ରାହୀ, ବାବୁଲା ବେହେରା, ସନ୍ତୋଷ ପାତ୍ର, ସୂର୍ଯ୍ୟ ନାରାୟଣ ପାତ୍ର, ରାମବାବୁ ରାଓ, ଶଙ୍କର ବେହେରା, ନୀଳାଞ୍ଚଳ ସାହୁ, ଆନନ୍ଦ ଆପଟ୍ଟ, ଚିନ୍ମୟ ପାତ୍ର ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।


ବିତରକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ।

## ସ୍ୱାସ୍ଥ୍ୟ ୟୁନିଟ ପକ୍ଷରୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୨।୧୦

ବ୍ରହ୍ମପୁର ରେଲଷ୍ଟେଶନ ସ୍ୱାସ୍ଥ୍ୟ ୟୁନିଟ ଓ ରେଳ ଷ୍ଟେଶନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଡିଏମ୍‌ଓ ଡା. ଶୁଭଙ୍କର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଷ୍ଟେଶନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହ ରେଲଷ୍ଟେଶନ ପରିସର ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଷ୍ଟେଶନ ମ୍ୟାନେଜର ପିକେ ଦାଶ, ମାଷ୍ଟର ଡିପି ବ୍ରହ୍ମା, ସିନିୟର ସେକ୍ସନ ଇଞ୍ଜିନିୟର ବି. ଭେଙ୍କଟ ରାଓ, ସିନିୟର ସେକ୍ସନ ଇଞ୍ଜିନିୟର ନାରାୟଣ ବେହେରା, ଆରପିଏଫର ଇନ୍‌ଚାର୍ଜ ଦିଲୀପ କୁମାର, ଭାସ୍କର କୁମାର ରେଳ ବିଭାଗ ସ୍ୱାସ୍ଥ୍ୟ ୟୁନିଟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏନ୍. ଗୋପାଳ କ୍ରିଷ୍ଣା, ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ଲାଷ୍ଟିକ୍ ବୋତଲ ପରିବର୍ତ୍ତେ ବଣ୍ଟାଗଲା ଚକୋଲେଟ

ବ୍ରହ୍ମପୁର ଅଫିସ,୨।୧୦

ବ୍ରହ୍ମପୁରକୁ ପ୍ଲାଷ୍ଟିକମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ସଚେତନ କରିବାକୁ ଏକ ଭିନ୍ନ ପଦକ୍ଷେପ ଆପଣେଇଛି ବ୍ରହ୍ମପୁର ମହାନଗର ନିଗମ । ପ୍ଲାଷ୍ଟିକ ବୋତଲ ପରିବର୍ତ୍ତେ ଚକୋଲେଟ ପ୍ରଦାନ କରିବାକୁ ବିଏମ୍‌ସି ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛ। ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରହ୍ମପୁର ଷ୍ଟାଡିୟମ, ବିଏମ୍‌ସି କାର୍ଯ୍ୟାଳୟରେ ଏନେଇ ଏକ କେନ୍ଦ୍ର ଖୋଲାଯାଇଥିଲା । ୩୦୦ ଗ୍ରାମ ପ୍ଲାଷ୍ଟିକ ବୋତଲ ପିଛା ଗୋଟିଏ ଲେଖାଏ ଡେରିମିଲ୍କର ଚକୋଲେଟ ଶିଶୁମାନଙ୍କୁ ପ୍ରଦାନ କରାଯାଇଥିଲା । ପ୍ଲାଷ୍ଟିକର ପୁନଃଚକ୍ରଣ ତଥା ପୁନଃ ବିନିଯୋଗ କରିବାକୁ ଦାୟିତ୍ୱ ଦିଆଯାଇଥିବା ଜେମସ ପ୍ରାଇଭେଟ ଲିମିଟେଡର ଆଞ୍ଚଳିକ ମୁଖ୍ୟ ବିକ୍ରମ ଶର୍ମା ଉକ୍ତ କେନ୍ଦ୍ର ପରିଚାଳନା କରିଥିଲେ । ପ୍ରଥମ ଦିନରେ ପ୍ରାୟ ୧୨୦ କିଲୋ ଓଜନର ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି ।


କେନ୍ଦ୍ରରେ ପ୍ଲାଷ୍ଟିକ ବୋତଲ ପରିବର୍ତ୍ତେ ଚକୋଲେଟ ପ୍ରଦାନ କରାଯାଉଛି ।

# ବ୍ରହ୍ମପୁର : ଭାଜପା, କଂଗ୍ରେସ, ବିଜେଡିର ଗାନ୍ଧୀ ଜୟନ୍ତୀ


ଭାଜପାର ଗାନ୍ଧୀ ସମ୍ପର୍କ ପଦଯାତ୍ରା ।


ଜିଲା କଂଗ୍ରେର ଗାନ୍ଧୀ ଦର୍ଶନ ସଭା ।


ବିଜେଡିର ଜନ ସମ୍ପର୍କ ପଦଯାତ୍ରା ।

ବ୍ରହ୍ମପୁର ଅଫିସ,୨।୧୦

ମହାତ୍ମା ଗାନ୍ଧୀ ଓ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସମାରୋହ ବୁଧବାର ବ୍ରହ୍ମପୁରରେ ୩ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ସବୁ ଦଳର ନେତା ଓ କର୍ମୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମୂହ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ସଦସ୍ୟ ସଂଗ୍ରହ ଅଭିଯାନ, ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା ଏବଂ କଂଗ୍ରେସର ଅହିଂସା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

ବିଜେଡିର ଜନସମ୍ପର୍କ ପଦଯାତ୍ରା ଖୋଡ଼ାସିଙ୍ଗିରୁ ଆରମ୍ଭ ହୋଇଥିଲା। ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହାର ଶୁଭାରମ୍ଭ କରିଥିଲେ। ବିଧାୟକ ବିକ୍ରମ ପଣ୍ଡା, ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଇଞ୍ଜିନିୟରିଂ ସ୍କୁଲ ଛକ, କମାପଲୀ ଛକ, ଟାଟାବେଞ୍ଚ ଛକ ପରିକ୍ରମା ପରେ ହିଲ୍‌ପାଟଣାସ୍ଥ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ପହଞ୍ଚିଥିଲା। ସନ୍ଧ୍ୟାରେ ସେଠାରେ ଆୟୋଜିତ ସମାବେଶରେ ବିଭିନ୍ନ ବକ୍ତା ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ବଖାଣିଥିଲେ। ଆସନ୍ତା ୧୧ ତାରିଖ ଜୟପ୍ରକାଶ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ପଦଯାତ୍ରା ଚାଲିବାର ଘୋଷଣା କରାଯାଇଛି ।

ଜିଲା ଭାଜପା ପକ୍ଷରୁ ବ୍ରହ୍ମପୁରରେ ଗାନ୍ଧୀ ଜୟନ୍ତୀ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଇଥିଲା । ୧୯୨୧ ମାର୍ଚ୍ଚରେ ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଗସ୍ତ ବେଳେ ସେ ରହିଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମଧୁସୂଦନ ପାଣିଗ୍ରାହୀଙ୍କ ବାସଭବନ ମଧୁକୁଞ୍ଜରେ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଶୁଭାରମ୍ଭ କରାଯାଇଥିଲା । ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ । ଚଳିତ ମାସ ଶେଷ ପର୍ଯ୍ୟନ୍ତ ସଂକଳ୍ପ ଯାତ୍ରା ଚାଲିବାର ସଭାପତି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ ଓ ଶରତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀଙ୍କ ୧୫୦ତମ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବାପୁଜୀ ଆଶ୍ରମରୁ କର୍ମୀମାନେ ଅହିଂସା ପଦଯାତ୍ରାରେ ବାହାରି ଗାନ୍ଧୀ ନଗର ଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳ କାର୍ଯ୍ୟାଳୟରେ ସଭାପତି ତ୍ରିନାଥ ବେହେରାଙ୍କ ଅଧକ୍ଷତାରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କୀତ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ଦେବୀ ପ୍ରସାଦ ବିଶୋୟୀ ଓ ସାଇ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

■ବିଜେଡିର ଜନସମ୍ପର୍କ ପଦଯାତ୍ରା, ସଭ୍ୟ ସଂଗ୍ରହ

■ଗାନ୍ଧୀ ସଂକଳ୍ପ ପଦଯାତ୍ରା କଲା ଭାଜପା

■ଜିଲା କଂଗ୍ରେସର ଅହିଂସା ପଦଯାତ୍ରା



“ସମସ୍ତ କଶ୍ମୀରୀ ଆମର। ସେମାନଙ୍କ ସୁରକ୍ଷା ପାଇଁ ମୋଦି ସରକାର ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ।

–ରାମ ମାଧବ,
ଭାଜପା ସାଧାରଣ ସମ୍ପାଦକ





ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ରାଜଘାଟରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ଗାନ୍ଧୀ ଜୟନ୍ତୀରେ ବିଜୟୱାଡ଼ା ପୌର କର୍ମଚାରୀମାନେ ସଚେତନତା ସୃଷ୍ଟି ପାଇଁ ଥରୁଟିଏ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକୁ ଏକ ସ୍ଥାନରେ ଏକତ୍ରିତ କରିଛନ୍ତି।



ଗାନ୍ଧୀ ଜୟନ୍ତୀ ଅବସରରେ କଂଗ୍ରେସର ପଦଯାତ୍ରା ପରେ ମଞ୍ଚାସୀନ ନେତା ଗୁଲାମନବୀ ଆଜାଦ, ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

# ସୁଧୁରୁନି କଶ୍ମୀର ସ୍ଥିତି

ଶ୍ରୀନଗର,୨।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ୫୯ଦିନରେ ପହଞ୍ଚିଥିଲେ ହେଁ ଏପର୍ଯ୍ୟନ୍ତ ଉପତ୍ୟକାର ସ୍ଥିତି ସୁଧୁରିନାହିଁ। ବୁଧବାର ସକାଳେ ଶ୍ରୀନଗରରେ କେତେକ ଦୋକାନ ଖୋଲିଥିଲେ ହେଁ ମୁଖ୍ୟ ବଜାର ଓ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ଅଗଷ୍ଟ ୫ରୁ ଉପତ୍ୟକାରେ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ହନ୍ଦୱାଡ଼ା ଓ କୁପ୍‌ୱାଡ଼ାକୁ ଛାଡିଦେଲେ ରାଜ୍ୟର ଅନ୍ୟ ଅଞ୍ଚଳରେ ମୋବାଇଲ ସେବା ଏବେ ବି ବନ୍ଦ ରହିଛି। ଉପତ୍ୟକାରେ ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ରାଜ୍ୟରେ ହିଂସା ସୃଷ୍ଟି ପାଇଁ ଦେଶବିରୋଧୀ ତତ୍ତ୍ୱ ମୋବାଇଲ ଓ ଇଣ୍ଟରନେଟ ସେବାର ଅପବ୍ୟବହାର କରିପାରନ୍ତି ବୋଲି ପ୍ରଶାସନ କହୁଛି।

ତେବେ ପ୍ରଶାସନ କହିବା ଅନୁଯାୟୀ ଜମ୍ମୁ-କଶ୍ମୀରର କୌଣସି ସ୍ଥାନରେ ଆଉ କଟକଣା ନାହିଁ। ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ଅସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ବଳ ମୁତୟନ ହୋଇଛନ୍ତି। କିଛି ଦିନ ହେଲା ସକାଳ ୭ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ କେତେକ ଦୋକାନ ଖୋଲୁଥିବାବେଳେ ଏହି ସମୟସୀମାକୁ ବୁଧବାର ୧୧ଟା ପର୍ଯନ୍ତ ବଢ଼ାଇଦିଆଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସାଧାରଣ ପରିବହନ ୫୯ଦିନ ହେଲା ବନ୍ଦ ରହିଛି। ତେବେ ଘରୋଇ କାର, ଟ୍ୟାକ୍ସି ଓ ଅଟୋରିକ୍ସା ସହରର କେତେକ ଅଞ୍ଚଳରେ ଚାଲୁଥିବା ଦେଖାଯାଇଛି। ଅନେକ ଉଚ୍ଚସ୍ତରୀୟ ବିଚ୍ଛିନ୍ନତାବାଦୀ ରାଜନେତାଙ୍କୁ ଅଟକ ରଖାଯାଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତିଙ୍କ ଭଳି ମୁଖ୍ୟସ୍ରୋତର ନେତାଙ୍କୁ ଅଟକ କିମ୍ବା ଗୃହବନ୍ଦୀ ରଖାଯାଇଛି। ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭା ସଦସ୍ୟ ଫାରୁକ ଅବ୍‌ଦୁଲ୍ଲାଙ୍କୁ ବିବାଦୀୟ ଜନସୁରକ୍ଷା ଆଇନରେ ଗିରଫ କରାଯାଇଛି।

ତେବେ ଅଟକ ଥିବା କେତେଜଣଙ୍କ ଉପରୁ କଟକଣା ହଟାଇଦିଆଯାଇଥିବା ସେମାନେ ସୂଚନା ଦେଇଛନ୍ତି। ଅଟକ ଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ରାମନାନ୍ ଭାଲାଙ୍କ ଉପରୁ କଟକଣା ଉଠିଥିବା ସେ ଗଣମାଧ୍ୟମକୁ କହିଛନ୍ତି। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦର ସିଂ ରାଣା ମଧ୍ୟ ଅଟକରୁ ମୁକ୍ତ ହୋଇଥିବା କହିଛନ୍ତି। ତେବେ ତାଙ୍କୁ କୌଣସି ରାଜନୈତିକ କାର୍ଯ୍ୟରେ ଭାଗ ନ ନେବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିର ଜାଭେଦ ରାଣା, ଏସ.ଏସ. ସଲଥିଆ, ସାଜ୍ଜାଦ କିଚ୍‌ଲୁ, କଂଗ୍ରେସର ବିକର ରସୁଲ, ଜମ୍ମୁ-କଶ୍ମୀର ନ୍ୟାଶନାଲ ପାନ୍ଥର୍ସ ପାର୍ଟିର ହର୍ଷଦେବ ସିଂ ଅନୁରୂପ ଦାବି କରିଛନ୍ତି। ତେବେ ସେମାନେ ଆଦୌ ଅଟକ ନ ଥିଲେ ବୋଲି ଜମ୍ମୁ ଡିଭିଜନାଲ କମିଶନର ସଞ୍ଜୀବ ବର୍ମା କହିଛନ୍ତି।



**୩୭୦ ଉଚ୍ଛେଦକୁ ଦୁଇ ମାସ**

**ଏବେ ବି ବ୍ୟବସାୟ ପ୍ରତିଷ୍ଠାନ, ମୋବାଇଲ, ଇଣ୍ଟରନେଟ ସେବା ବନ୍ଦ**

## ‘ନୀରବ ରହିବା ଭଲ’



କରଣ ସିଂ

**ପୁଣେ,୨।୧୦:** ଜମ୍ମୁ-କଶ୍ମୀରର ବର୍ତ୍ତମାନର ସ୍ଥିତିକୁ ନେଇ ନୀରବତା ଅବଲମ୍ବନ କରିବା ଭଲ ବୋଲି ଜମ୍ମୁ-କଶ୍ମୀରର ଶେଷ ରାଜା ହରି ସିଂଙ୍କ ପୁଅ ତଥା ବରିଷ୍ଠ କଂଗ୍ରେସ ନେତା କରଣ ସିଂ କହିଛନ୍ତି। ପୁଣେରେ ଏମ୍‌ଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି ପକ୍ଷରୁ ଆୟୋଜିତ ବିଜ୍ଞାନ, ଧର୍ମ ଓ ଦର୍ଶନ ଉପରେ ବିଶ୍ୱ ପାର୍ଲାମେଣ୍ଟର ପଞ୍ଚମ ସଂସ୍କରଣ ଅବସରରେ ଜମ୍ମୁ-କଶ୍ମୀର ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଜମ୍ମୁ-କଶ୍ମୀର ତାଙ୍କ ପୂର୍ବପୁରୁଷ ପ୍ରତିଷ୍ଠା କରିଥିଲେ। ୧୯୪୭ ଅକ୍ଟୋବରରେ ଜମ୍ମୁ-କଶ୍ମୀରକୁ ଭାରତରେ ମିଶ୍ରଣ ଲାଗି ଚୁକ୍ତିନାମା ସ୍ୱାକ୍ଷର ହେଲାବେଳେ ସେ ସେଠାରେ ଉପସ୍ଥିତ ଥିଲେ। ଧର୍ମ ନାମରେ ଦେଶରେ ଅତ୍ୟାଚାର ବୃଦ୍ଧି ପାଉଥିବା ପ୍ରଶ୍ନର ଉତ୍ତରରେ କରଣ ସିଂ କହିଥିଲେ, ଦୁଃଖର କଥା ହେଉଛି ଧର୍ମ ନାମରେ ଆତଙ୍କବାଦର ପ୍ରସାର କରାଯାଉଛି। ଆମେ ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତ ମଧ୍ୟରେ ଗତି କରୁଛୁ, ଯେଉଁଠି ଅତୀତ ବିଲୁପ୍ତ ଓ ଭବିଷ୍ୟତ ସମ୍ପର୍କରେ ଅନେକ ପ୍ରଶ୍ନ ଅସମାହିତ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବରିଷ୍ଠ କଂଗ୍ରେସ ନେତା କହିଥିଲେ, ମହାରାଜା ହରି ସିଂଙ୍କ ଶ୍ରୀନଗର ବାସଭବନକୁ ଏକଦା ବାପୁ ଆସିଥିଲେ ଓ ତାଙ୍କ ସହ ଦେଖାହୋଇଥିଲା।

## ୩୭୦ ଉଚ୍ଛେଦ ପରେ ୧୪୪ ନାବାଳକ ଅଟକ ଥିଲେ

ନୂଆଦିଲ୍ଲୀ,୨।୧୦(ପି.ଟି.)

**ଜୁଭେନାଇଲ ଜଷ୍ଟିସ୍ କମିଟି ରିପୋର୍ଟ**

କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀରର ୧୪୪ ଜଣ ନାବାଳକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରେ ୯ ଓ ୧୧ ବର୍ଷର ପିଲା ରହିଥିବା ଜମ୍ମୁ-କଶ୍ମୀର ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ୍ କମିଟି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ପରେ ସେମାନଙ୍କ ମଧ୍ୟରୁ ୧୪୨ ଜଣଙ୍କୁ ମୁକ୍ତ କରିଦିଆଯାଇଥିଲା। ଉକ୍ତ କମିଟି ରିପୋର୍ଟ ଅନୁଯାୟୀ ଦୁଇଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଦିଆଯାଇଛି। ତେବେ କୌଣସି ଶିଶୁଙ୍କୁ ବେଆଇନ ଭାବେ ଅଟକ ରଖାଯାଇ ନ ଥିବା ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ପଥର ଫିଙ୍ଗିବା, ଦଙ୍ଗା ସୃଷ୍ଟି କରିବା, ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ସେମାନଙ୍କୁ ପର୍ଯ୍ୟବେକ୍ଷଣ ଗୃହରେ ଅଟକ ରଖାଯାଇଥିବା ପୋଲିସ କମିଟିକୁ ରିପୋର୍ଟ ଦେଇଛି।

ମଙ୍ଗଳବାର ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ଶିଶୁ ଅଧିକାର କର୍ମୀ ଏନାକ୍ଷୀ ଗାଙ୍ଗୁଲି ଓ ଶାନ୍ତା ସିହ୍ନାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହୁଜେଫା ଅହମ୍ମଦୀ ଉପରୋକ୍ତ ରିପୋର୍ଟ ସମ୍ପର୍କରେ କୋର୍ଟଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଏହା ଉପରେ ଜବାବ ରଖିବାକୁ କୋର୍ଟଙ୍କ ଅନୁମତି ଚାହିଁଥିଲେ। ଜଷ୍ଟିସ୍ ଏନ୍.ଭି. ରମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କୁ ଅନୁମତି ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ୨ ସପ୍ତାହ ପରେ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୂର୍ବରୁ ଶିଶୁ ଅଧିକାର କର୍ମୀଙ୍କ ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ କେତେ ଶିଶୁ ଅଟକ ରହିଛନ୍ତି, ତାହା ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସେପ୍ଟେମ୍ବର ୨୦ରେ ଜୁଭେନାଇଲ ଜଷ୍ଟିସ୍ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ଅଲି ମହମ୍ମଦ ମାଗ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ କମିଟି ହାଇକୋର୍ଟ ରେଜିଷ୍ଟ୍ରାର ତଥା ବିଭିନ୍ନ ତଳ କୋର୍ଟରୁ ତଥ୍ୟ ସଂଗ୍ରହ କରି କରିଥିଲେ। ଏହାବ୍ୟତୀତ ପୋଲିସ ଓ ଅନ୍ୟ ସଂସ୍ଥାରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା। ତେବେ ବେଆଇନ ଭାବେ କୌଣସି ନାବାଳକଙ୍କୁ ଅଟକ ରଖାଯିବା ଅଭିଯୋଗକୁ ଜମ୍ମୁ-କଶ୍ମୀର ପୋଲିସ ଡିଜି ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ। ପୋଲିସ ରିପୋର୍ଟ ଅନୁଯାୟୀ ଜମ୍ମୁ-କଶ୍ମୀରରେ ଦୁଇଟି ନିରୀକ୍ଷଣ ଗୃହ ସ୍ଥାପନ କରାଯାଇ ଅଗଷ୍ଟ ୫ରୁ ୪୬ ଜଣଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ଚାଲିଛି।

## ‘କଂଗ୍ରେସରେ ଟିକେଟ ବିକ୍ରି ହେଉଛି’

ନୂଆଦିଲ୍ଲୀ,୨।୧୦



ଅଶୋକ ତନ୍‌ୱର

ହରିୟାଣା କଂଗ୍ରେସର ଗୋଷ୍ଠୀ ବିବାଦ ଦିଲ୍ଲୀରେ ପହଞ୍ଚିଛି। ହରିୟାଣା କଂଗ୍ରେସର ପୂର୍ବତନ ସଭାପତି ଅଶୋକ ତନ୍‌ୱର ନିଜ ସମର୍ଥକଙ୍କ ସହ ବୁଧବାର ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନିର୍ବାଚନ ପରିଚାଳନା କମିଟି ମୁଖ୍ୟ ଭୂପିନ୍ଦର ସିଂ ହୁଡ୍ଡାଙ୍କ ବିରୋଧରେ ଟିକେଟ ବିକ୍ରିର ଅଭିଯୋଗ ଆଣିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଉକ୍ତ କମିଟି ଟିକେଟ ବିକ୍ରି କରୁଥିବା ନେଇ ଏଆଇସିସି କାର୍ଯ୍ୟାଳୟ ସାମ୍ନାରେ ସ୍ଲୋଗାନ ଦେବା ସହ ବିକ୍ଷୋଭ କରିଛନ୍ତି। କଂଗ୍ରେସକୁ ଧ୍ୱଂସ କରିବାକୁ ଚାହୁଁଥିବା ଲୋକେ ତନ୍‌ୱରଙ୍କ ୧୫ ଜଣିଆ ପ୍ରାର୍ଥୀ ତାଲିକାକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ଗତମାସରେ ତନୱରଙ୍କୁ କଂଗ୍ରେସ ସଭାପତି ପଦରୁ ହଟାଇ ତାଙ୍କ ସ୍ଥାନରେ କୁମାରୀ ସେଲ୍‌ଜାଙ୍କୁ ନିଯୁକ୍ତ କରାଯାଇଥିଲା।

**■ ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା**

## ଭାରତ ବାହ୍ୟ ମଳମୁକ୍ତ

ଅହମଦାବାଦ,୨।୧୦(ପି.ଟି.)

ଭାରତ ଏବେ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଘୋଷଣା କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁଜରାଟର ଅହମଦାବାଦଠାରେ ‘ସ୍ୱଚ୍ଛ ଭାରତ ଦିବସ’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଥିଲେ, ୫ ବର୍ଷ ମଧ୍ୟରେ ୬୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାଇଖାନା ଯୋଗାଇଦିଆଯାଇଛି। ଭାରତର ଏହି ପଦକ୍ଷେପକୁ ସାରା ବିଶ୍ୱ ପ୍ରଶଂସା କରୁଛି। ୨୦୧୪ ଅକ୍ଟୋବର ୨ରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ। ୨୦୧୯ ଅକ୍ଟୋବର ୨ରେ ଭାରତ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହୋଇପାରିଛି। ଗାନ୍ଧିଜୀ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ଦେଶବାସୀ ତାହାକୁ ଆଗେଇନେବାକୁ ସେ ଚାହୁଁଥିଲେ। ଗ୍ରାମୀଣ ଭାରତ ଓ ଏହାର ଗ୍ରାମଗୁଡିକ ନିଜକୁ ବାହ୍ୟମଳମୁକ୍ତ ଘୋଷଣା କରିସାରିଛନ୍ତି। ୬୦ ମାସରେ ୧୧ କୋଟିରୁ ଅଧିକ ପାଇଖାନା ନିର୍ମାଣ ହୋଇଛି, ଯାହାକୁ ନେଇ ବିଶ୍ୱ ବିସ୍ମିତ ବୋଲି ମୋଦି କହିଛନ୍ତି। ପ୍ଲାଷ୍ଟିକ୍ ଏବେ ମାନବଜାତି ପାଇଁ ବଡ଼ ବିପଦ ଭାବେ ଉଭାହୋଇଛି। ୨୦୨୨ ସୁଦ୍ଧା ଦେଶକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ କରିବା ଲକ୍ଷ୍ୟ ପୂରଣ କରିବାକୁ ହେବ।

### ସ୍ମାରକୀର ୧୦୦ ମିଟର ମଧ୍ୟରେ ପ୍ଲାଷ୍ଟିକ୍ ନିଷିଦ୍ଧ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ଐତିହାସିକ ସ୍ମାରକ ସ୍ଥଳର ୧୦୦ ମିଟର ପରିଧି ମଧ୍ୟରେ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍‌କୁ ଅନୁମତି ଦିଆଯିବ ନାହିଁ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ପଟେଲ ବୁଧବାର ଘୋଷଣା କରିଛନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେବାର ଦିନକ ପରେ ପର୍ଯ୍ୟଟନ ମନ୍ତ୍ରୀ ଏଭଳି ଘୋଷଣା କରିଛନ୍ତି।

## ‘୩୧ରେ ବ୍ରେକ୍‌ଜିଟ ପାଇଁ ପ୍ରସ୍ତୁତ’



ବୋରିସ୍ ଜନ୍‌ସନ

ଲଣ୍ଡନ,୨।୧୦(ପି.ଟି.)

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ନୂଆ ବ୍ରେକ୍‌ଜିଟ ଯୋଜନା ଆଣିବା ପୂର୍ବରୁ ୟୁରୋପୀୟ ସଂଘ (ଇୟୁ) ସହ ବୁଝାମଣା ପାଇଁ ଅନୁରୋଧ କରିଛନ୍ତି। ଏହାସହ ଯାହା ହୋଇଗଲେ ବି ଅକ୍ଟୋବର ୩୧ରେ ବିନା ଡିଲ୍‌ରେ ଇୟୁଠାରୁ ଅଲଗା ହେବା ପାଇଁ ବ୍ରିଟେନ ପ୍ରସ୍ତୁତ ବୋଲି ବୁଧବାର ଚେତାବନୀ ଦେଇଛନ୍ତି। ବ୍ରେକ୍‌ଜିଟ ପାଇଁ ସେ ଉଭୟ ପକ୍ଷ ମଧ୍ୟରେ ବୁଝାମଣାର ଏକ ବିକଳ୍ପ (ଉତ୍ତର ଆୟର୍ଲାଣ୍ଡ ସୀମା କିମ୍ବା ଏହା ନିକଟରେ ସୀମା ଶୁଳ୍କ ଯାଞ୍ଚ ପାଇଁ ଅନୁମତି ଦିଆ ନ ଯିବା) ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଆୟର୍ଲାଣ୍ଡ ଦ୍ୱୀପର ‘ଅଲ୍-ଆଇଲାଣ୍ଡ ରେଗୁଲେଟୋରି ଜୋନ୍’ ଏକକ ବଜାର ପାଇଁ ଇୟୁରେ ରହିବ। କିନ୍ତୁ ଏହା ଉପରେ ସୀମା ଶୁଳ୍କ ଲାଗୁ ହେବ ନାହିଁ। ଏହାର ପରିଣାମ ପାଇଁ ବ୍ରିଟେନ ପ୍ରସ୍ତୁତ ଅଛି ବୋଲି ମାଞ୍ଚେଷ୍ଟରରେ କଞ୍ଜର୍ଭେଟିଭ୍ ପାର୍ଟିର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି।

### ଇତିହାସର ଆଇନାରେ

**ଅକ୍ଟୋବର ୩ର ପ୍ରମୁଖ ଘଟଣା**

୨୦୧୦ ଅକ୍ଟୋବର ୩ରେ ଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରଥମ ଥର ଲାଗି ଆରମ୍ଭ ହୋଇଥିଲା। ଏଥିରେ ମୋଟ ୬୦୮୧ ଖେଳାଳି ଭାଗ ନେଇଥିବାବେଳେ ୨୭୨ ଇଭେଣ୍ଟରେ ମୋଟ ୭୧ ଦେଶ ଭାଗ ନେଇଥିଲେ। ଏଥିରେ ଅଷ୍ଟ୍ରେଲିଆ ପ୍ରଥମସ୍ଥାନ ହାସଲ କରିଥିବାବେଳେ ଭାରତ ଦ୍ୱିତୀୟରେ ରହିଥିଲା। ଭାରତକୁ ମୋଟ ୩୮ ସ୍ୱର୍ଣ୍ଣ ପଦକ ସହ ୧୦୧ ମେଡାଲ ମିଳିଥିଲା।

୨୦୧୩ ଅକ୍ଟୋବର ୩ରେ ଲିବିୟାରୁ ଇଟାଲି ଅଭିମୁଖେ ଆସୁଥିବା ଏକ ଡଙ୍ଗା ଭାରସାମ୍ୟ ହରାଇ ଲାମ୍ପେଡୁସା ଉପଦ୍ୱୀପ ନିକଟରେ ବୁଡ଼ିଯିବାରୁ ସେଥିରେ ଥିବା ୧୩୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ସୋମାଲିଆ, ଘାନା ଓ ଇରିଟ୍ରିଆରୁ ସର୍ବାଧିକ ଶରଣାର୍ଥୀ ସେଥିରେ ଯାତ୍ରା କରୁଥିଲେ।

## ୪୬୦ ଫୁଟ ବ୍ରିଜ୍ ଭୁଶୁଡ଼ିଲା: ୬ ମୃତ

**ତାଇପେଇ, ୨।୧୦:** ତାଇୱାନ୍‌ରେ ବୁଧବାର ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ୩ଟି ବୋଟ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରାଣ ହରାଇଥିବା ବ୍ୟକ୍ତିମାନେ ଇଣ୍ଡୋନେସିଆ ଓ ଫିଲିପାଇନ୍ସର ମତ୍ସ୍ୟଜୀବୀ ବୋଲି ଜଣାପଡ଼ିଛି। ପ୍ରାୟ ୧୪ଜଣ ଆହତ ହୋଇଥିବା ଖବର ମିଳିଛି। ବ୍ରିଜ୍ ଭୁଶୁଡ଼ିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପରିବହନ ମନ୍ତ୍ରୀ ଲିନ୍ ଚିଆ-ଲୁଙ୍ଗ୍ ପ୍ରକାଶ କରିଛନ୍ତି। ଫିଲିପାଇନ୍ସ ଶ୍ରମମନ୍ତ୍ରୀ କହିଛନ୍ତି ଯେ, ଦେଶର ୨ ନାଗରିକ ଏଥିରେ ପ୍ରାଣ ହରାଇଥିବାବେଳେ ଜଣେ ନିଖୋଜ ଅଛନ୍ତି। ୧୪୦ ମିଟର(୪୬୦ ଫୁଟ)ର ଏହି ବ୍ରିଜ୍ ଭୁଶୁଡ଼ିବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି।



**■ ଭାରତ ସପକ୍ଷରେ ବ୍ରିଟେନ କୋର୍ଟ ରାୟ**

## ପାକିସ୍ତାନର ନୁହେଁ ନିଜାମଙ୍କ ସମ୍ପତ୍ତି

ଲଣ୍ଡନ,୨।୧୦(ପି.ଟି.)



ହାଇଦ୍ରାବାଦର ନିଜାମଙ୍କ ସମ୍ପତ୍ତି ଉପରେ ପାକିସ୍ତାନର ଦାବିକୁ ବ୍ରିଟେନ ହାଇକୋର୍ଟ ବୁଧବାର ଅଗ୍ରାହ୍ୟ କରିଦେଇଛନ୍ତି। ବହୁ ଦଶନ୍ଧି ଧରି ଲାଗି ରହିଥିବା ଏହି ବିବାଦର ରାୟ ଭାରତ ସପକ୍ଷରେ ଯାଇଛି। ୧୯୪୭ରେ ଦେଶ ବିଭାଜନ ବେଳେ ନିଜାମଙ୍କର ବିପୁଳ ପାଣ୍ଠି ଓ ଲଣ୍ଡନ ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମାରାଶି ଉପରେ ପାକିସ୍ତାନ ଦାବି କରିଆସୁଥିଲା। ବ୍ରିଟେନର ନେଟୱେଷ୍ଟ ବ୍ୟାଙ୍କରେ ନିଜାମଙ୍କର ପାଖାପାଖି ୩୫ ନିୟୁତ ପାଉଣ୍ଡ ଜମା ରହିଛି। ଏହି ଆଇନଗତ ଲଢ଼େଇରେ ଭାରତ ସରକାରଙ୍କ ସହ ନିଜାମଙ୍କ ବଂଶଧର ଯୁବରାଜ ମୁକାରାମ ଜାହ ଓ ତାଙ୍କ ସାନଭାଇ ମୁଫକରାମ ହାତ ମିଳାଇଥିଲେ। ଲଣ୍ଡନ ରୟାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ମାର୍କସ୍ ସ୍ମିଥ୍ ତାଙ୍କ ରାୟରେ କହିଥିଲେ ସପ୍ତମ ନିଜାମଙ୍କ ସମ୍ପତ୍ତିର ହକ୍‌ଦାର ଯୁବରାଜ ଓ ଭାରତ। ଫରେନ୍ ଆକ୍ଟ ଅଫ ଷ୍ଟେଟ୍ ଡକ୍ଟ୍ରିନ୍ କାରଣରୁ ପାକିସ୍ତାନର ଦାବି ଯଥାର୍ଥ ନୁହେଁ।

୧୯୪୮ରେ ହାଇଦ୍ରାବାଦର ତତ୍କାଳୀନ ନିଜାମଙ୍କର ୧,୦୦୭,୯୪୦ ପାଉଣ୍ଡ ୯ ସିଲିଂ ନବଗଠିତ ପାକିସ୍ତାନର ବ୍ରିଟେନରେ ଥିବା ହାଇକମିଶନରଙ୍କ ପାଖକୁ ଟ୍ରାନ୍ସଫର ହୋଇଥିଲା, ଯାହାକୁ ନେଇ ବିବାଦ ଲାଗି ରହିଛି। ଏବେ ଉକ୍ତ ଅର୍ଥରାଶି ପରିମାଣ ୩୫ ନିୟୁତ ପାଉଣ୍ଡରେ ପହଞ୍ଚିଲାଣି। ଭାରତ ସମର୍ଥନ କରୁଥିବା ନିଜାମଙ୍କ ବଂଶଧର ଉକ୍ତ ଜମାରାଶି ସେମାନଙ୍କର ବୋଲି ଦାବି କରିଥିବାବେଳେ ପାକିସ୍ତାନ ଏହା ଉପରେ ନିଜର ଅଧିକାର ସାବ୍ୟସ୍ତ କରୁଥିଲା। ୧୯୪୮ରୁ ଲାଗି ରହିଥିବା ଏହି ବିବାଦର ଏକପ୍ରକାର ସମାଧାନ ହୋଇଯାଇଛି। ପାଣ୍ଠି ଉପରେ ଅଷ୍ଟମ ନିଜାମର ଅଧିକାର ରହିଥିବା କୋର୍ଟ କହିଛନ୍ତି। ବିବାଦ ଆରମ୍ଭ ହେବା ବେଳେ ଯୁବରାଜ ଶିଶୁ ଥିଲେ। ଏବେ ସେ ୮୦ ବର୍ଷରେ ପହଞ୍ଚିଥିବାବେଳେ ରାୟ ତାଙ୍କ ସପକ୍ଷରେ ଯାଇଥିବା ଓକିଲ ପଲ୍ ହେୱିଟ୍ କହିଛନ୍ତି।

## ସଂକ୍ଷେପରେ

### ଫୁଲବାଣୀରେ ଜାତୀୟ ରକ୍ତଦାନ ଦିବସ

**ଫୁଲବାଣୀ ଅଫିସ,୨।୧୦:** ଫୁଲବାଣୀରେ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ରକ୍ତଦାନ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଜିଏନ୍‌ଏମ କଲେଜ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦାସ ଯୋଗଦେଇ ରକ୍ତଦାନର ଉପକାରିତା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ମନୋରଞ୍ଜନ ରାଉତ, ରକ୍ତ ଭଣ୍ଡାର ଅଧିକାରୀ ଡା.ଜୟକୁମାର ଘୋଷ, ରକ୍ତଦାନ ସମିତିର ସହ-ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରକ୍ତଦାନ ବିଷୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସେହିପରି ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଫୁଲବାଣୀ ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ରକ୍ତ ଭଣ୍ଡାରର ଏଲ୍‌ଟି ଶରତ ଚନ୍ଦ୍ର ଭଞ୍ଜ, ତୁଷାରକାନ୍ତ ପ୍ରଧାନ, ଦୀନକୃଷ୍ଣ ମହନ୍ତ, ସୁଜିତ କୁମାର ସାହୁ, ଦେବସ୍ମିତା ରାଉତ ପ୍ରମୁଖଙ୍କ ସମେତ ରକ୍ତଦାନ ସମିତିର ଭି. ଲୋକନାଥ ରାଜୁ, ଉମେଶ ପ୍ରସାଦ ପାତ୍ର, ମନୋଜ କୁମାର ଚୌଧୁରୀ, ଆଶିଷ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ଫିରିଙ୍ଗିଆ, ୨।୧୦:** ଫିରିଙ୍ଗିଆ ବ୍ଲକର ଫିରିଙ୍ଗିଆ ପଂଚାୟତରେ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନେ ପ୍ରତି ୱାର୍ଡ ବୁଲି ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ। ବଜାରରେ ଥିବା ଦୋକାନୀମାନଙ୍କୁ ପଲିଥିନ, ପ୍ଲାଷ୍ଟିକ ବିକ୍ରି ବନ୍ଦ କରିବାକୁ କହିଥିଲେ। ନୋଡାଲ ଅଫିସର ରାକେଶ କୁମାର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଦିଗାଲ, ସରପଞ୍ଚ ବିଶ୍ୱରଂଜନ କହଁର, ଜିଆରଏସ୍ ରାକେଶ କୁମାର ପଣ୍ଡା, ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ସାହ ପ୍ରମୁଖ ସାମିଲ ଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**ଶଙ୍କରାଖୋଲ,୨।୧୦(ଡି.ଏନ୍.ଏ):** ଚକାପାଦ ପୋଲିସ ଗଞ୍ଜେଇ ନେଇ ଯାଉଥିବା ୨ ଯୁବକଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଗଙ୍ଗାଧର ଗ୍ରାମର ସତ୍ୟଜିତ୍ ସାମଲ ଓ ଯାଜପୁର ଥାନା ଭାଗବତପୁର ଗ୍ରାମର ମୋହନ ଜେନା। ତାଙ୍କଠାରୁ ୧୦ କେଜି ଗଞ୍ଜେଇ ସହ ସ୍କୁଟି ଜବତ ହୋଇଛି। ଏ ନେଇ ନଂ. ୫୩/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତରୁଣଶେନ ବେହେରା କହିଛନ୍ତି। ପୋଲିସ ସୁବଲୟା ବ୍ରିଜଠାରେ ଯାନବାହନ ଯାଞ୍ଚ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଶଙ୍କରାଖୋଲ,୨।୧୦ (ଡି.ଏନ୍.ଏ):** ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ବ୍ରାହ୍ମଣପାଦଠାରେ ଥିବା ବିରୁପାକ୍ଷ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୦ତମ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ପାଳିତ ହୋଇଥିଲା।

# ଗାନ୍ଧୀଙ୍କ ଚିନ୍ତାଧାରାକୁ ଯୁବପିଢ଼ି ଆଗେଇ ନିଅନ୍ତୁ

**ଫୁଲବାଣୀ ଅଫିସ, ୨।୧୦**

କନ୍ଧମାଳ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଜିଲା ପ୍ରଶାସନ ଓ ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନ ୮ଟାରେ ଗାନ୍ଧୀଛକ ପାଖରେ ଥିବା ପ୍ରତିମୂର୍ତ୍ତି ଏବଂ ପରେ ସଭାଗୃହ ସମ୍ମୁଖ, ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପରିସରରେ ଥିବା ଗାନ୍ଧୀଙ୍କ ମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଭଜନ ସହ ସର୍ବଧର୍ମ ପ୍ରାର୍ଥନା ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।



ସାମାଜିକ କର୍ମୀ ବୈଦ୍ୟନାଥ ଖଟୁଆଙ୍କୁ ସମ୍ମାନିତ କରାଯାଉଛି।

ଏଥିରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ସଭାପତି ବିଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରା ଉପରେ ଆଲୋଚନା କରିଥିଲେ। ଗାନ୍ଧୀଙ୍କ ବିଚାରାଧାରା ବିଶ୍ୱବାସୀଙ୍କ ପାଇଁ ସବୁ ବେଳେ ପ୍ରେରଣା ହୋଇ ରହି ଆସିଛି। ତେଣୁ ଆଜି ସେହି କଥାକୁ ମନେ ପକାଇ ଯୁବପୀଢ଼ି ଗାନ୍ଧୀଙ୍କ ଚିନ୍ତାଧାରାକୁ ଆଗେଇ ନେଲେ ବିଶ୍ୱରେ ଭାରତ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଭାବେ ଅଧିକ ପରିଚିତ ଲାଭ କରିବ ବୋଲି ଅତିଥିମାନେ କହିଥିଲେ। ରାତିରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସେହିପରି ବନ୍ଧଗଡ଼ସ୍ଥିତ ସ୍ୱାତୀ ତାଲିମ୍ କେନ୍ଦ୍ରଠାରେ ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ସଂଯୋଜନାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଫୁଲବାଣୀ ଉପ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ହିଂସାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଗାନ୍ଧୀଜୀଙ୍କ ପ୍ରେରଣା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଗାନ୍ଧୀବାଦୀ ନେତା ଶେଖ୍ ଅବଦୁଲ ସଫିକ୍ ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମାଜ ସେବା ପାଇଁ ବୈଦ୍ୟନାଥ ଖଟୁଆ ଓ ଗିରିଶ ଚନ୍ଦ୍ର ସାମଲଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କର୍ମୀ ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାନ୍ତନୁ କୁମାର ମିଶ୍ର, ସରୋଜ କୁମାର ମିଶ୍ର, ଅଶୋକ କୁମାର ତ୍ରିପାଠୀ, ସର୍ବେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚକାପାଦର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା

**ଶଙ୍କରାଖୋଲ,୨।୧୦(ଡି.ଏନ୍.ଏ)**

ଚକାପାଦ ବ୍ଲକର ୧୨ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହଭାଗିତାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଅଟକଳ ଓ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ହୋଇଛି। ବୈଠକରେ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କଠାରୁ ପ୍ରାପ୍ତ ହୋଇଥିବା ଅର୍ଥର ବିନିଯୋଗ ଏବଂ ଉନ୍ନୟନ କାର୍ଯ୍ୟ, ଜୈବ ବିବିଧତା ଅଧିନିୟମ ୨୦୦୨ର ଆଲୋଚନା, ସ୍ୱଚ୍ଛ ଭାରତ ଅଭିଯାନ, ବାଲ୍ୟ ବିବାହ ରୋକିବା ଉପରେ ଆଲୋଚନା ହୋଇଥିଲା। ପଲ୍ଲିସଭା ଗ୍ରାମାଞ୍ଚଳରେ ୩ରୁ ଆରମ୍ଭ ହୋଇ ୨୦ତାରିଖରେ ଶେଷ ହେବ। ଗ୍ରାମସଭା ୨୫ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୧୫ ତାରିଖରେ ସମାପ୍ତ ହେବ। ଗ୍ରାମସଭାରେ ସଭାପତି, ସରପଞ୍ଚ ଚିତ୍ର କହଁର, ନୋଡାଲ ଅଫିସର, ଚନ୍ଦ୍ରାୟ ହାଁସଦା, ନାଏବ ସରପଞ୍ଚ ତରସିଲା ମଲିକ ଯୋଗଦେଇଥିଲେ।

# ସବୁଠି ପଲିଥିନ, ପ୍ଲାଷ୍ଟିକ ବ୍ୟବହାରକୁ ନା



ଛାତ୍ରମାନେ ର୍‍ୟାଲିରେ ଯାଉଛନ୍ତି।

**ରାଇକିଆ,୨।୧୦(ଡ଼ି.ଏନ.ଏ)**

ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡୁଛି। ମହାତ୍ମା ଗାନ୍ଧୀଙ୍କ ଜନ୍ମ ତିଥିରେ ଏଭଳି କିଛି ବାର୍ତ୍ତାକୁ ନେଇ ରାଇକିଆ ସହରରେ ଦିନତମାମ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନକୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଛି। ସକାଳୁ ରାଇକିଆ ଚୂନପଲ୍ଲୀ ଛକଠାରୁ ବଜାର ଛକ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଏଥିରେ ବ୍ଲକ ଅଧକ୍ଷ ମାନିନୀ ପ୍ରଧାନ, ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ସରପଞ୍ଚ ପଞ୍ଚୁ ପ୍ରଧାନ, ଥାନା ଅଧିକାରୀ ଅଲେଖ ଗରଡ଼ିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ, ନାଗରିକ ମଞ୍ଚ କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଜୟ ହାଇସ୍କୁଲ ଓ ସେଣ୍ଟ କ୍ୟାଥରିନ ସ୍କୁଲର ଛାତ୍ରୀଛାତ୍ର ମାନେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ରାଲିରେ ସହର ପରିକ୍ରମା କରିଥିଲେ। ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅତିଥିମାନେ ପ୍ଲାଷ୍ଟିକ ଯୋଗୁ ହେଉଥିବା କ୍ଷତି ସମ୍ପର୍କରେ କହିଥିଲେ। ପରେ ରାଇକିଆ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମ ସଭାରେ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦକୁ ନେଇ ଉଠିଥିଲା ସ୍ୱର। ଉପସ୍ଥିତ ଗ୍ରାମବାସୀଙ୍କୁ ପଲିଥିନର କୁପ୍ରଭାବ ସମ୍ପର୍କରେ ବୁଝାଯିବା ସହ ସମସ୍ତେ ଯେଭଳି ଏହାର ବ୍ୟବହାର ବନ୍ଦ କରିବେ ସେନେଇ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ ପଟ୍ଟନାୟକ, ନାଗରିକ ମଞ୍ଚ ସଭାପତି ସୁଶାନ୍ତ କୁମାର ଜେନା, ସାହାରା ସମ୍ପାଦକ ସୁକାନ୍ତ ନାୟକ, ମେନେଶ୍ୱର ଦିଗାଳ, ନଳିନୀ ନାୟକଙ୍କ ସମେତ ସମସ୍ତ ୱାର୍ଡ଼ ମେମ୍ବର, ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

## ମାଇକ୍ରୋ ଫାଇନାନ୍ସ ସଂସ୍ଥା ନାମରେ ଠକେଇ ଅଭିଯୋଗ

**ଫୁଲବାଣୀ ଅଫିସ, ୨।୧୦**

ଫୁଲବାଣୀସ୍ଥିତ ହାଉସିଂବୋର୍ଡ (କେନ୍ଦୁପଦର) କଲୋନୀରେ ଚାଲିଥିବା ଏକ ମାଇକ୍ରୋ ଫାଇନାନ୍ସ ସଂସ୍ଥାର ଶାଖା ପରିଚାଳକ ଋଣ କରାଇ ଦେବା ନାମରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଠାରୁ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଭଡା ଘରେ ଚାଲିଥିବା ଉକ୍ତ ସଂସ୍ଥାକୁ କେହି କର୍ମଚାରୀ ଆଉ ଆସୁ ନାହାନ୍ତି। ଠକେଇର ଶୀକାର ହୋଇଥିବା ଜାଣି ବିଭିନ୍ନ ଏସ୍‌ଏଚ୍‌ଜିର ସଦସ୍ୟାମାନେ ବୁଧବାର ଫୁଲବାଣୀ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଭଜିବନ ନାମକ ଏକ ଫାଇନାନ୍ସ ସଂସ୍ଥା ଋଣ ଦେବାକୁ କହି ସଦସ୍ୟମାନଙ୍କଠାରୁ ୫୮୦ରୁ ୬୫୦ ଟଙ୍କା ଲେଖାଏଁ ନେଇଥିଲା। ପ୍ରାୟ ୩୦ଟି ଗ୍ରୁପର ସଦସ୍ୟମାନଙ୍କଠାରୁ ସଂସ୍ଥାର ଶାଖା ପରିଚାଳକ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏହି ସଂସ୍ଥାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ କାମ କରୁଥିଲେ। ସେହି ଯୁବତୀ ଏବଂ ଘର ମାଲିକଙ୍କୁ ଡାକି ପଚାରିବା ସହ ଶାଖା ପରିଚାଳକଙ୍କୁ ତୁରନ୍ତ ଧରିବା ପାଇଁ ଏତଲାରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଲସକୁମ୍ପାରେ ଚାରାରୋପଣ

**ଖଜୁରିପଡ଼ା,୨।୧୦(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଓ ବିଜୁ ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଚାରାରୋପଣ କରାଯାଇଛି। ଇଷ୍ଟଦେବୀ ଯୁବ କଳା ପରିଷଦର ସଭାପତି ବିନାୟକ ସାହାଣୀ, ଉପସଭାପତି ଗୋକୁଳ ସାହାଣୀ, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, କୋଷାଧକ୍ଷ ଶଶାଙ୍କ ବେହେରା, ଯୁଗ୍ମ ସମ୍ପାଦକ ରଜତ କୁମାର ବେହେରା, ସଂଘ ଅଧକ୍ଷ ରଞ୍ଜିତ ବେହେରା, ବଲସକୁମ୍ପା ବିଜୁ ଯୁବ ବାହିନୀ ସଭାପତି ନୀଳମାଧବ ନାୟକ, ସଂଘ ସଦସ୍ୟ ପ୍ରଫୁଲ୍ଲ ବେହେରା, ସଂଘ ସାଧାରଣ ସମ୍ପାଦକ ବିଦୁର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ପରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲ ନଷ୍ଟ ନ କରିବାକୁ ଏକ ଶୋଭାଯାତ୍ରା ବାହାରି ଲୋକଙ୍କୁ ସଚେତନ କରିଥିଲା

■ କ.ନୂଆଗାଁ ପଞ୍ଚାୟତ ସମିତି ବୈଠକ

## ଆଦର୍ଶ ବିଦ୍ୟାଳୟ ସମସ୍ୟା ନେଇ ଉଦ୍‌ବେଗ

**କ.ନୂଆଗାଁ, ୨।୧୦**

କନ୍ଧମାଳ ଜିଲା କ.ନୂଆଗାଁ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିଶୁ ବିକାଶ ଯୋଜନା, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ଶିକ୍ଷା, ଖାଦ୍ୟ ଯୋଗାଣ ଓ ବ୍ଲକର ବହୁ ଉନ୍ନୟନ ମୂଳକ ଯୋଜନା ଉପରେ ଆଲୋଚନା ହୋଇଥିଲା। ସାଇନପଡା ସରପଞ୍ଚ କୁମୁଦ ଚନ୍ଦ୍ର ମଲ୍ଲିକ କହିଥିଲେ, ନିର୍ବାଚନବେଳେ ସାଇନପଡା ବିଦ୍ୟାଳୟରେ ନିର୍ମିତ ହୋଇଥିବା ଶୌଚାଳୟ ଟଙ୍କା (୨୫ହଜାର) ଏପର୍ଯ୍ୟନ୍ତ ମିଳିନାହିଁ। କଞ୍ଚାମେଣ୍ଡି ସରପଞ୍ଚ ସାନିରା ପ୍ରଧାନ କହିଥିଲେ ବଜାରରେ ପିଡବ୍ଲୁଡି କରିଥିବା ଡ୍ରେନ୍ ଉପରେ ବ୍ୟବସାୟୀ ଘର କରିଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ଏଥିପ୍ରତି ଦୃଷ୍ଟି ଦେବା ସହ ବଜାରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛ କାଟିବାକୁ ଦାବି କରିଥିଲେ। ସାରଙ୍ଗଗଡ ସମିତିସଭ୍ୟ କାଳବୈଶାଖୀରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ଅତିରିକ୍ତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଦର୍ଶ ବିଦ୍ୟାଳୟ ସମସ୍ୟା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଠାରେ ଶିକ୍ଷକ ଅଭାବ, ବିଦ୍ୟୁତ୍, ପାନୀୟ ଜଳ ଭଳି ସମସ୍ୟା ଲାଗି ରହିଛି। ବୈଠକରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା, ବିଡିଓ ମନୋଜ କୁମାର ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ବିମଳା ଦିଗାଲ, ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକ, ସିଡିପିଓ ଦ୍ରୌପଦୀ କହଁର, ଏବିଇଓ ନାଗେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: କାଇଲାମ୍ବା ଚାମ୍ପିୟନ

**ଫିରିଙ୍ଗିଆ/କେଳାପଡା,୨।୧୦**

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ମା' ପିତାବଳୀ ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ ଗେରୁପଡାରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶେଷ ହୋଇଛି। କାଇଲାମ୍ବା ଟିମ୍ ବିପକ୍ଷ ଗୁନ୍ଦୁଗାଁଙ୍କୁ ପେନାଲଟିରେ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଚାମ୍ପିୟନ ଟିମ୍‌କୁ ୩୦୦୧ ଓ ରନର୍ସଅପ ଟିମ୍‌କୁ ୨୫୦୧ ଟଙ୍କା ଏବଂ କପ୍ ଦିଆଯାଇ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କେଳାପଡା ସରପଞ୍ଚ ପ୍ରେମଶୀଳା ଝାଙ୍କର, ସମିତି ସଭ୍ୟ ପୁଷ୍ପାଞ୍ଜଳୀ ସାହୁ, ସଂଘ ସଭାପତି ବିଶିକେଶନ ବେହେରା, ସମ୍ପାଦକ ସଞ୍ଜୟ ସାହୁ, ଦକ୍ଷିଣ ଓଡିଶା ବିଜୁ ଛାତ୍ର ଜନତା ଉପ ସଭାପତି ଶତ୍ରୁଘ୍ନ ମହାନନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ।



ଚାମ୍ପିୟନ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଗ୍ରାମସଭା, ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଫୁଲବାଣୀ ଅଫିସ, ୨।୧୦**

ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଟରେ ପଡିଥିବା ପ୍ଲାଷ୍ଟିକ, କଠିନ ବର୍ଜ୍ୟବସ୍ତୁ, ପଲିଥିନ ଆଦିକୁ ସଫା କରା ଯାଇଥିଲା। ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟ ଏବଂ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପଲ୍ଲିସଭା ତାରିଖ ଘୋଷଣା, ଏମ୍‌ଜିଏନ୍‌ଆରଇଜିଏସ୍ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ପ୍ରକଳ୍ପ, ଅର୍ଥ କମିଶନ ଅନୁଦାନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ନୂତନ ଭାବେ ନିର୍ମିତ ଗୃହକୁ ହିତାଧିକାରୀଙ୍କ ପ୍ରବେଶ କାର୍ଯ୍ୟକ୍ରମ କରାଯାଇଥିଲା। ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।



ବିଡିଓ ଅନ୍ୟମାନଙ୍କ ସହ ସଫା କରୁଛନ୍ତି।

# କେପିଏଫ୍‌ର ଶାନ୍ତିପୂର୍ଣ୍ଣ ଧାରଣା

**ଫୁଲବାଣୀ ଅଫିସ, ୨।୧୦**

ଗାନ୍ଧୀ ଜୟନ୍ତୀରେ କନ୍ଧମାଳ ଜିଲା ପିପୁଲସ୍ ଫୋରମ(କେପିଏଫ୍) ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଦଳମତ ନିର୍ବିଶେଷରେ ସହରର ବହୁ ଲୋକେ ଏଥିରେ ସାମିଲ ହୋଇ ୩ ଦଫା ଦାବି ପୂରଣ ନେଇ ପ୍ଲାକାର୍ଡମାନ ପ୍ରଦର୍ଶନ କରିଥିଲେ। କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା, କନ୍ଧମାଳ ଜିଲାକୁ ରେଳ ସଂଯୋଗୀକରଣ ଏବଂ ଜିଲାର ସମସ୍ତଙ୍କୁ ସ୍ଥାୟୀ ଘରବାଡି ପଟ୍ଟା ଯୋଗାଇ ଦେବା ଦାବିରେ ଏହି ଧାରଣା ଦିଆଯାଇଥିଲା। ଫୋରମ ଆବାହକ ସୁନିଲ ପଟ୍ଟନାୟକ, ସଭାପତି ରାଧାମୋହନ ମହାପାତ୍ରଙ୍କ ସମେତ ଭାଜପା ନେତା ଦେବନାରାୟଣ ପ୍ରଧାନ, ଶ୍ରମିକ ଫୋରମ ଉପ ସଭାପତି ମହମ୍ମଦ ସାକିଲ, ରାମକୃଷ୍ଣ ତ୍ରିପାଠୀ, ମହାଦେବ ସାହୁ, ଦିଲୀପ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀମାନେ ଧାରଣାରେ ବସିଥିଲେ। ଜିଲାପାଳ ଡା.ବୃନ୍ଦା ଡି ଏବଂ ଏସ୍‌ପି ପ୍ରତୀକ ସିଂ ଧାରଣାସ୍ଥଳକୁ ଆସି ବୁଲି ଯାଇଥିଲେ।




ଫୋରମର କର୍ମକର୍ତ୍ତା ଏବଂ ସହରର ବୁଦ୍ଧିଜୀବୀମାନେ ଧାରଣାରେ ବସିଛନ୍ତି।

# ନିଶାମୁକ୍ତି, ପରିବେଶ ସୁରକ୍ଷା ବାର୍ତ୍ତାଦେଲେ ମହିଳା

**ତୁମୁଡିବନ୍ଧ,୨।୧୦(ଡି.ଏନ୍.ଏ.)**

ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୁଧବାର ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଛି। ମୁଣ୍ଡିଗଡ଼ ମହିଳା ମହାସଂଘର ସଭାନେତ୍ରୀ କଇଁତା ବାରିକ ଓ ଜହ୍ନ ବାରିକ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ଫଟୋରେ ମାଲ୍ୟର୍ପଣ କରି ଆରମ୍ଭ କରିଥିଲେ ରାଲି। ସେମାନଙ୍କ ନେତୃତ୍ୱରେ ମୁଣ୍ଡିଗଡ଼, ଲଙ୍କାଗଡ ଓ ଭଣ୍ଡରଙ୍ଗି ପଞ୍ଚାୟତର ମହିଳା ଓ ମୁଣ୍ଡିଗଡ ମା' ଭୈରବୀ ସଂଘର ପ୍ରାୟ ୩ ହଜାର ମହିଳା ଓ ଯୁବକମାନେ ରାଲିରେ ସାମିଲ ହୋଇଥିଲେ। ତୁମୁଡ଼ିବନ୍ଧ ବ୍ଲକକୁ ନିଶାମୁକ୍ତ କରିବା, ପ୍ଲାଷ୍ଟିକ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ଓ ନୂତନ ଟ୍ରାଫିକ ନିୟମ ମାନିବାକୁ ମହିଳା ମହାସଂଘ ସଭ୍ୟା ଓ ଯୁବକ ସଂଘ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରା ୫କି.ମି ଦୂର ତୁମୁଡିବନ୍ଧ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ମୁଣ୍ଡିଗଡ ସେବାଭାରତୀଠାରେ ଏକ ସଭା କରାଯାଇ ମହିଳାମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ସଭାକୁ ମୁଣ୍ଡିଗଡ ମହିଳା ସଂଘର ସଭାପତି ଶଶୀରେଖା ପାତ୍ର ପରିଚାଳନା କରିଥିଲେ।




ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କଲେ ଜିଲାପାଳ

**ସୋରଡ଼ା,୨।୧୦(ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗତ ୨୭ ତାରିଖରେ ସିଟିହାଇସ୍କୁଲରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରଷିକୁଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସେଥିରେ ଉକ୍ତ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସୋନାଲି ବେହେରା ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପ୍ରଥମ, ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀ କରିନା ବିଷୋୟୀ ତର୍କରେ ଦ୍ୱିତୀୟ ଓ ପ୍ରଥମ ବର୍ଷ କଳା ଛାତ୍ର କେଦାର ମୁନି ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବୁଧବାର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତ କୃତୀ ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ପୁରସ୍କୃତ କରିଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଗଞ୍ଜାମ,୨।୧୦(ଡି.ଏନ.ଏ.):** ଗଞ୍ଜାମ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବୁଧବାର ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍ୱଚ୍ଛତାର ବାର୍ତ୍ତା ନେଇ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ଏକ ସଭା ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁ, ଆକାଉଣ୍ଟାଣ୍ଟ୍ ହରଜିତ ସାଠୁଆ, କୃଷ୍ଣଚନ୍ଦ୍ର ବୈଦ୍ୟ, ଗୋଷ୍ଠୀ ସଙ୍ଗଠିକା ଅନୀତା ଅଂଶୁମାଳୀ ସାହୁ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡ଼ା, କନିଷ୍ଠ ଯନ୍ତ୍ରୀ ଲୋକନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଥିଲା ।

### ଅଳିଆ ଉଠା ଗାଡ଼ିର ଶୁଭାରମ୍ଭ

**ଶେରଗଡ,୨।୧୦(ଡି.ଏନ୍.ଏ.):** ଶେରଗଡ ଗ୍ରାମରୁ ବର୍ଜ୍ୟବସ୍ତୁ ଉଠାଇବା ପାଇଁ ବୁଧବାର ଏକ ଗାଡ଼ିର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର। ଏହିଗାଡି ପ୍ରତିଦିନ ଶେରଗଡର ସମସ୍ତ ବଜାର ଓ ସାହି ବୁଲି ରଖାଯାଇଥିବା ଡଷ୍ଟବିନରୁ ଅଳିଆ ସଂଗ୍ରହ କରି ଡମ୍ପିଂୟାର୍ଡରେ ପକାଇବ। ବିଡିଓ ସୁରଞ୍ଜନ କୁମାର ସାହୁ, ଶେରଗଡ ସରପଞ୍ଚ ସାଗରିକା ପ୍ରଧାନ, ବାଲାଜି ପ୍ରଧାନ, ଗ୍ରାମସେବକ ପ୍ରଦ୍ୟୁମ୍ନ ଦାଶ ସମେତ କିଛି ବ୍ୟକ୍ତି ଉପସ୍ଥିତ ଥିଲେ।

### ବିଧାୟିକାଙ୍କ ଦ୍ୱାରା ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

**ବେଗୁନିଆପଡ଼ା,୨।୧୦(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ବଡ ଖଇରଖମା ପଞ୍ଚାୟତର ପାଇକପଡାସ୍ଥିତ ବଟେଶ୍ୱର ହାଇସ୍କୁଲର ଅତିରିକ୍ତ ଶ୍ରେଣୀଗୃହକୁ ବୁଧବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଧାୟିକା ପ୍ରଥମେ ବ୍ଲକରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ପାଇକପଡ଼ାରେ ପହଞ୍ଚି ଥିଲେ। ପରେ ହାତପାଣ୍ଠି ଓ ଆଇଏପି ଯୋଜନାରୁ ୨୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହର ଫଳକ ଉନ୍ମୋଚନ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବିଡିଓ ପ୍ରଦୀପ କୁମାର ପଣ୍ଡା, ବ୍ଲକ ଉପାଧକ୍ଷ ଭ୍ରମର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ମହେଶ୍ୱର ବରାଡ଼, ବିଦ୍ୟାଳୟ ସମ୍ପାଦକ ଜୟ ସେନ ବିଶୋୟୀ, ଅଙ୍ଗାରଗାଁ ସରପଞ୍ଚ ସରୋଜ କୁମାର ସାହୁ, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ବାରିକ, ସମିତି ସଭ୍ୟ ବିଭୂତି ଭୂଷଣ ନାୟକ ଉପସ୍ଥିତ ଥିଲେ।

### ମୋହନାକୁ ଏନ୍‌ଏସି ଦାବିରେ ବିକ୍ଷୋଭ

**ଆର.ଉଦୟଗିରି,୨।୧୦(ଡି.ଏନ.ଏ.):** ବୁଧବାର ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀରେ ମୋହନା ଉନ୍ନୟନ ପରିଷଦ ପକ୍ଷରୁ ବୁଧବାର ସକାଳ ୯ଟାରେ ଏକ ରାଲି ହୋଇଥିଲା। ମୋହନା ଉନ୍ନୟନ ପରିଷଦ ସଭାପତି ଦଣ୍ଡାସୀ ସାହୁ ଓ ଅନ୍ୟ ସଦସ୍ୟ ଏକତ୍ରିତ ହୋଇ ମୋହନାକୁ ଏନ୍‌ଏସି କରିବା ଦାବି ସହ ଅନ୍ୟ ସମସ୍ୟାର ସମାଧାନ ନେଇ ବିଡିଓ ବଂଶୀଧର ଖୋସଲାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବ୍ଲକ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସମ୍ପାଦକ ରସାନନ୍ଦ ପାଣି, ଉପଦେଷ୍ଟା ମାର୍ଶଲ ନାୟକ, ମଧୁସୂଦନ ପାଢ଼ୀ, ଉପସଭାପତି ସୀମାଞ୍ଚଳ କାର୍ଯ୍ୟୀ, ଶରତ ମଳିକ, ଆଇନଜୀବୀ ଦୁର୍ଯ୍ୟୋଧନ କରାଡ଼ ପ୍ରମୁଖଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ।

■ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ

# ଏସ୍‌ପି ଅଫିସରେ ଥାନାର ଲାଇଭ ଫୁଟେଜ ମନିଟରିଂ

■ଖୋଲିଲା ଜିଲା କଲ୍ ସେଣ୍ଟର

■ଫେସବୁକ୍, ଟୁଇଟରରେ ଅଭିଯୋଗ ଗ୍ରହଣ

**ଛତ୍ରପୁର,୨।୧୦(ଡି.ଏନ.ଏ)**

ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି । ଏଥିପାଇଁ ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ମୁଖ୍ୟାଳୟ ପରିସରରେ ଏକ ଜିଲା କଲ୍‌ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି । ପୋଲିସ ଯାଞ୍ଚ, ପ୍ରମାଣପତ୍ର ପଞ୍ଜୀକରଣ ପାଇଁ ଏସପିଙ୍କ କାର୍ଯ୍ୟାଳୟର ଅଭ୍ୟର୍ଥନା କେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟାରେ ଗଞ୍ଜାମ ପୋଲିସ ଜିଲା ଅଫିସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସପି ବ୍ରିଜେଶ କୁମାର ରାଏ ଏହି ସୂଚନା ଦେଇଛନ୍ତି। ହିଞ୍ଜିଳି, ଆସିକା, ଛତ୍ରପୁର ଓ ଗଞ୍ଜାମ ଥାନା ଓ ସେଠାରେ ଥିବା ଅଭ୍ୟର୍ଥନା କେନ୍ଦ୍ରର ସିସି କ୍ୟାମେରା ଲାଇଭ୍ ଫୁଟେଜକୁ ଆଧାର କରି ପାଇଲଟ ଯୋଜନାର ମନିଟରିଂ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟରେ କରାଯାଉଛି। ଖବରଦାତା ସମ୍ମିଳନୀ ପରେ ଏସପି କଣ୍ଟ୍ରୋଲ ରୁମ୍‌କୁ ଯାଇ ଉକ୍ତ ମନିଟରିଂ ସମ୍ପର୍କରେ ଦେଖାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ସମସ୍ତ ଥାନାର ସିସି କ୍ୟାମେରାର ଲାଇଭ୍ ଫୁଟେଜକୁ ମଧ ଏଠାରେ ମନିଟରିଂ କରାଯିବ ବୋଲି ସୂଚନା ଦେଇଥିଲେ। ମୋ ସରକାର କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ୩୨୧ ବ୍ୟକ୍ତିଙ୍କୁ ଜିଲା କଲ୍ ସେଣ୍ଟରରୁ ଫୋନ୍ କରାଯାଇଛି। ସେମାନେ ଥାନାକୁ ଅଭିଯୋଗ ପାଇଁ ଯାଇଥିବା ବେଳେ କେଉଁ ପ୍ରକାର ଅନୁଭୂତି ମିଳିଛି ତାହା ପଚରାଯାଇଛି ଏବଂ ସେସବୁକୁ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ଅନ୍‌ଲାଇନ୍‌ରେ ୯ ପ୍ରକାର ପ୍ରମାଣପତ୍ରର ସେବା ଯୋଗାଇ ଦିଆଯାଉଛି । ଗଞ୍ଜାମ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ୧୦୦ ନଂ. ଡାଏଲ କରି ଲୋକେ ସମସ୍ୟା ଜଣାଇପାରିବେ। ୯ ମାସ ମଧ୍ୟରେ ୯୦୧୧ କଲ୍ ଆସିଛି । ସେଥିରୁ ୧୦୩୭ କଲ୍ ଠିକ୍ ଥିଲା ଏବଂ ପୋଲିସ କଲ୍ କରିଥିବା ବ୍ୟକ୍ତିଙ୍କ ନିକଟକୁ ଯାଇ ସହାୟତା ପ୍ରଦାନ କରିଛି। ଡାଏଲ ୧୦୦ ସମ୍ପର୍କରେ ସଚେତନ ପାଇଁ ୭୫,୭୫୧ ଜଣଙ୍କୁ ମେସେଜ୍ ପଠାଯାଇଛି। ଗଞ୍ଜାମ ଜିଲା ୱେବସାଇଟ୍‌ରେ ଏସପି, ଏସଡିପିଓ ଓ ଥାନା ଆଇଆଇସିମାନଙ୍କର ନମ୍ବର ଅପଲୋଡ କରାଯାଇଛି । ପ୍ରତି ଥାନା ଆଗରେ ବୋର୍ଡ ଲଗାଯାଇ ଲୋକଙ୍କୁ ସଚେତନ କରାଯାଉଛି । ଏସ୍‌ପି ଗଞ୍ଜାମ ଫେସବୁକ୍, ଟୁଇଟର୍ ଓ ଇନଷ୍ଟାଗ୍ରାମ୍‌ରେ ଅଛନ୍ତି। ଯେ କେହି କୌଣସି ବି ଅଭିଯୋଗ ଏସବୁ ଜରିଆରେ ଜଣାଇପାରିବେ ବୋଲି ଏସପି କହିଛନ୍ତି। ଥାନାରେ ଏତଲା ଦେଇଥିବା ଲୋକଙ୍କୁ ଆଇଆଇସି ନିଜ ନମ୍ବର ଓ ଭିଜିଟିଙ୍ଗ କାର୍ଡ ଦେବେ ବୋଲି ଏସପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଡିଏସପି ପ୍ରଦୀପ କୁମାର ଦଳେଇ, ଡିଏସପି ଅଜୟ କୁମାର ମିଶ୍ର, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର ଉପସ୍ଥିତ ଥିଲେ ।



ଏସପି ସୂଚନା ଦେଉଛନ୍ତି।

### ବ୍ୟବସାୟୀଙ୍କଠାରୁ ରୁପା ଅଳଙ୍କାର ଲୁଟ୍

**ଗୋପାଳପୁର୨।୧୦**

ଗୋପାଳପୁର ଥାନା କଦରପୁଲି ଗ୍ରାମରେ ମଙ୍ଗଳବାର ଜଣେ ରୁପା ବ୍ୟବସାୟୀଙ୍କଠାରୁ ୫ କେଜିରୁ ଊର୍ଦ୍ଧ୍ୱ ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୧୪/୧୯ରେ ମାମଲା ରୁଜୁ କରିଛି। ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ସିସି ଟିଭି ଫୁଟେଜକୁ ଯାଞ୍ଚ କରୁଛନ୍ତି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ମହନ୍ତ ସୂଚନା ଦେଇଛନ୍ତି। ବ୍ରହ୍ମପୁର ମହାନଗର ନରସିଂହ ମନ୍ଦିର ସାହିର ଶିବ ନାୟକ ଲୁନାରେ ରୁପା ଅଳଙ୍କାର ଧରି ବିଭିନ୍ନ ଗ୍ରାମରେ ବିକ୍ରି କରିଥାନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଉକ୍ତ ଥାନା କଦରପୁଲି ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଗାଡି ରଖି ବାକି ଟଙ୍କା ପାଇଁ ସେ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ପରେ ଶିବ ବାହାରକୁ ଆସି ଦେଖିବା ବେଳେ ବ୍ୟାଗ୍ ଗାଡ଼ିରେ ନ ଥିଲା। ଆଖପାଖରେ ବହୁତ ଖୋଜାଖୋଜି କରି ପାଇନଥିଲେ। ତେଣୁ ବୁଧବାର ଶିବ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

# ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା



ଆସିକାରେ ଭାଜପା ସଂକଳ୍ପ ଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀ।

**ଆସିକା/ଛତ୍ରପୁର/କନିଷି, ୨।୧୦(ଡି.ଏନ୍.ଏ.)**

ଆସିକା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦଳୀୟ କର୍ମୀ ଆସିକା ବସଷ୍ଟାଣ୍ଡରେ ସଫେଇ କରିବା ପରେ ସ୍ଥାନୀୟ ପାର୍କରେ ଥିବା ଗାନ୍ଧୀଙ୍କ ମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ। ପରେ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ସମସ୍ତଙ୍କୁ ନେଇ ସାମଗ୍ରିକ ବିକାଶ, ପ୍ଲାଷ୍ଟିକ ବର୍ଜନ, ଜଳ ସଂରକ୍ଷଣ ଓ ଜନସଂଖ୍ୟା ନିୟନ୍ତ୍ରଣ, ଗାନ୍ଧୀଙ୍କ ଆଦର୍ଶ ଓ ଚିନ୍ତାଧାରାକୁ ସଫଳ ରୂପାୟନ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ଠାପର ଉଦ୍ୟମରେ ଜନସାଧାରଣ ସାମିଲ ହେବାକୁ ସଚେତନତା ସୃଷ୍ଟି କରିଥିଲେ। ଭାଜପା ଘୁମୁସର ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଅନିତା ଶୁଭଦର୍ଶନୀ, ମହେଶ ମହାନ୍ତି, ଦୁର୍ଗାଚରଣ ପଟ୍ଟନାୟକ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଅରୁଣ କୁମାର ପଣ୍ଡା, ନାରାୟଣ ହୋତା, ପ୍ରଶାନ୍ତ ଚର୍ଚ୍ଚି, ସୁଶାନ୍ତ ରାଉତ, ବିପିନୀ ପାଢୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ପୋଲାଇ, ସନ୍ତୋଷ ପୋଲାଇ, ଦେବକାନ୍ତ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ସେହିପରି ଛତ୍ରପୁରରେ ଭାଜପା ପକ୍ଷରୁ ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରଶାନ୍ତ କରଙ୍କ ନେତୃତ୍ୱରେ ସ୍ଥାନୀୟ ବିଶେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଥିଲା । ତ୍ରିରଙ୍ଗା ପତାକା ଧରି ନିର୍ବାଚନମଣ୍ଡଳୀର ନେତା ଓ କର୍ମୀମାନେ ଗାନ୍ଧୀଙ୍କ ନୀତି, ଆଦର୍ଶ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ପଦଯାତ୍ରା ଛତ୍ରପୁର ଅପରବସଷ୍ଟାଣ୍ଡ, ମଝିବଜାର ଦେଇ ଜାତୀୟ ରାଜପଥକୁ ଯାଇଥିଲା । ପରେ ନେତା ଓ କର୍ମୀମାନେ ଗଞ୍ଜାମ ଯାଇଥିଲେ। ଏଥିରେ ପୂର୍ବତନ ଏନଏସି ଉପାଧକ୍ଷ ବସନ୍ତ କୁମାର ବେହେରା, କଣମଣା ମଣ୍ଡଳ ସଭାପତି ପଦ୍ମଚରଣ ସାହୁ, ଆଇନଜୀବୀ ବ୍ରଜମୋହନ ଆଚାର୍ଯ୍ୟ, ଯୁବନେତା ଡି. ସୁରେଶ ରେଡ୍ଡୀ, ସନ୍ତ ରାଉଳ, ଜି. ମନୋଜ ରେଡ୍ଡୀ, ଚୈତନ୍ୟ ପ୍ରଧାନ, ବିଜୟ ମୁଦୁଲି ପ୍ରମୁଖ ସାମିଲ ଥିଲେ ।

ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଳନ୍ଥରା ଈଶାଣେଶ୍ୱର ମନ୍ଦିରରୁ କନିଷି ହାଟ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ରାଜ୍ୟ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଜେନା, ଜିଲା ପରିଷଦ ସଭ୍ୟ ରାକେଶ ସାହୁ, ଗଙ୍ଗାଧର ଶତପଥି, ଦେବରାଜ ମହାନ୍ତି, ରଜତ ପଣ୍ଡିତ, ବ୍ରଜ ମୋହନ ନାହାକ, ସୁଭାଶିଷ ସାହୁ, ସୁନିତ ପାତ୍ର, ସନତ କୁମାର ନାୟକ, ଏମ. ଭାଗିରଥୀ ରେଡ୍ଡୀ, ଶିବ ପ୍ରସାଦ ପାତ୍ର, ବାଦଲ ବିଷୋୟୀ ପ୍ରମୁଖ ସାମିଲ ଥିଲେ।

### ଗାନ୍ଧୀ ଜୟନ୍ତୀରେ ପ୍ଲାଷ୍ଟିକମୁକ୍ତ ଅଭିଯାନ

**ଭଞ୍ଜନଗର,୨।୧୦(ଡି.ଏନ.ଏ.)**

ମହାତ୍ମଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବୁଧବାର ଭଞ୍ଜନଗର ଅଞ୍ଚଳର ଅଧିକାଂଶ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ପଲିଥିନ ଓ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବାଯୋଗୁ ଏନେଇ ଅନେକ ସ୍ଥାନରେ ସଭା, ସଫେଇ, ସଚେତନତା ଓ ପ୍ରଚାରପତ୍ର ବଣ୍ଟନ ହୋଇଥିଲା। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନଙ୍କ ନେତୃତରେ ଏନ୍‌ସିସି ଛାତ୍ରୀଛାତ୍ର ଲଣ୍ଡେଇସାହିରେ ସଫେଇ କରିଥିଲେ। ସାବିତ୍ରୀ ମହିଳା କଲେଜରେ ସ୍ୱଚ୍ଛତା ହିଁ ସେବା ଉପରେ ଏକ କର୍ମଶାଳା ହୋଇଥିଲା। ଅଧକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ବୈଠକରେ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିଭଳି ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉପଖଣ୍ଡ ହସପିଟାଲ, ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗାଲେରୀ କଲେଜ, କ୍ଷତ୍ରିୟବରପୁର କଲେଜ, କୁଲାଡ଼ କବିସମ୍ରାଟ ବିଦ୍ୟାପୀଠ, ବାହାଡ଼ାପଦର ହାଇସ୍କୁଲ, କେବିକେ ପକ୍ଷରୁ ଲାଲସିଂ ହାଇସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଲାଲସିଂ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ କେବିକେର ବରିଷ୍ଠ ବୈଜ୍ଞାନିକ ଡ଼.ସ୍ୱାଗତିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଛତ୍ରପୁର,୨।୧୦(ଡି.ଏନ.ଏ)**

ଛତ୍ରପୁରରେ ବିଜେଡି ପକ୍ଷରୁ ସଭ୍ୟ ପଞ୍ଜୀକରଣ ଓ ଜନସମ୍ପର୍କ ପଦଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଆଦିକନ୍ଦ ସେଠୀ, ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଛାତ୍ରନେତା ପ୍ରଶାନ୍ତ କୁମାର ପଣ୍ଡା, ପୂର୍ବତନ କାଉନସିଲର ଟି. ଚନ୍ଦ୍ରଶେଖର ରାଓ, କିଶୋର ସେନାପତି ଓ ରାଜେଶ ସାହୁ, ଜି. ପାପା ରାଓ ପ୍ରମୁଖ ସାମିଲ ହୋଇଥିଲେ। ଅରବିନ୍ଦ ସ୍କୁଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ହୋଇଥିଲା। ଛକ ଗୁଡିକରେ ପଥପ୍ରାନ୍ତ ସଭା କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା ।

**ଆସିକା:** ଆସିକା ବ୍ଲକ ବିଜେଡି ପକ୍ଷରୁ ହୋଇଥିବା ପଦଯାତ୍ରାରେ ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ପ୍ରମୁଖଙ୍କ ସମେତ କର୍ମୀମାନେ ଯୋଗଦେଇଥିଲେ। କାଳଷଣ୍ଡପୁର ଓ ନଳବଣ୍ଟା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ନେତା ଓ କର୍ମୀ ରାଜ୍ୟସରକାରଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନ କରିଥିଲେ।

**ପୋଲସରା:** ପୋଲସରା ବ୍ଲକରେ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ରାଣୀପଡ଼ାଠାରୁ ବିଧାୟକଙ୍କ ସହ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ପୋଲସରା ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ବ୍ଲକ ଅଧକ୍ଷ ବଳରାମ ସେଠୀ, ସଭାପତି ଭଗବାନ ସାହୁ, କୋଷାଧକ୍ଷ ପ୍ରତାପ ପ୍ରଧାନ, ଯୁବ ବିଜେଡି ସଭାପତି ଗୋପାଳ କୃଷ୍ଣ ସାହୁ, ବ୍ଲକ ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ବିଜୁ ଶ୍ରମିକ ସାମୁଖ୍ୟ ଜିଲା ସମ୍ପାଦକ ସନ୍ତୋଷ କୁମାର ବେହେରା, ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।



ଛତ୍ରପୁରରେ ବିଜେଡି ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

**ଛତ୍ରପୁର,୨।୧୦(ଡି.ଏନ.ଏ)**

ଛତ୍ରପୁରସ୍ଥିତ ପବ୍ଲିକ ସ୍କୁଲ ପରିସରରେ ବୁଧବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହିକାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲାପରିଷଦ ଅଧକ୍ଷା ସୋନମ ପଲେଇ, ଜିଲା ପରିଷଦ ଉପାଧକ୍ଷା ସେହ୍ନଲତା ପଣ୍ଡା ଓ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଲୋକ ସମ୍ପର୍କ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଗାନ୍ଧୀଜୀଙ୍କ ଜୀବନୀ ଉପରେ ବିଭିନ୍ନ ବହି ପଢିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା, ନିଶାରୁ ନିବୃତ ରହିବାକୁ ଛାତ୍ରଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବ୍ରହ୍ମପୁର ଅବକାରୀ ବିଭାଗ ଅଧିକ୍ଷକ ରାମଚନ୍ଦ୍ର ମିଶ୍ର, ଗଞ୍ଜାମ ଅବକାରୀ ଅଧିକ୍ଷକ ରାଜେନ୍ଦ୍ର ଭତ୍ରା, ଡିପିସି ବିନିତା ସେନାପତି, ବିଇଓ ଏସ୍.ଗିରିଧର, ପ୍ରଭାତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ସେହିପରି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଛତ୍ରପୁରସ୍ଥିତ ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଯୋଗଦେଇଥିଲେ। ଗ୍ରନ୍ଥାଗାରିକ ଅମୀୟ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ପ୍ରଫେସର ମେଜର ରମାରମଣ ପାଢୀ, ଅବସରପ୍ରାପ୍ତ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗଦେଇଥିଲେ ।

**ଆସିକା:** ଆସିକା ସହରରେ ଗାନ୍ଧୀ ଜୟନ୍ତୀ ଲାଗି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ନେତୃତ୍ୱରେ ପ୍ରଭାତଫେରୀ ଓ ଗାନ୍ଧୀମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରେ ପୁଡୁଗେଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର, ହରିହର ହାଇସ୍କୁଲ ଓ ନୂଆବସଷ୍ଟାଣ୍ଡରେ ସଫେଇ କାର୍ଯ୍ୟ କରାଯାଇଥିଲା। ପରେ ଆସିକା ଡାକ୍ତରଖାନା ଓ ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟା ଯାଇ ମଧାହ୍ନରେ ହରିହର ହାଇସ୍କୁଲ ପରିସରରେ ସଭା ହୋଇଥିଲା । ସଂଘ ସଭାପତି ଗଣେଶ ରଥଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ ପ୍ରଦୀପ କୁମାର ରଥ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ରୂପେ ବ୍ରହ୍ମପୁର ଆକାଶବାଣୀର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଆସିକାର ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ମଧ ଗାନ୍ଧୀ ଜୟନ୍ତୀ ଅବସରରେ ସଫେଇ, ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରିସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସର ନେଇଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧାପିକା ଡ.ବବିତା ରାଣୀ ପଟ୍ଟନାୟକ, ଅଧାପିକା ମିନତୀ ଦାଶ ପ୍ରମୁଖ ଗାନ୍ଧିଜୀଙ୍କ ସମ୍ପର୍କରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ବ୍ଲକର ସମସ୍ତ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ବର୍ଜନ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରାରେ ଜଗନ୍ନାଥପ୍ରସାଦ ବଜାର, ବିଭିନ୍ନ ସାହି ପରିକ୍ରମା କରିଥିଲେ। ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ବିଡିଓ ଅଶୋକ କୁମାର ବେଉରିଆ ମାଲ୍ୟର୍ପଣ କରିଥିଲେ।

**କୋଦଳା:** କୋଦଳା ବୃନ୍ଦାବନ ପାଣ୍ଡି ବିଜ୍ଞାନ କଲେଜ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ ସ୍ଥାନୀୟ ପ୍ରଭୁ ଦଣ୍ଡୀଶ୍ୱର ପୀଠ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପରିମଳ ସୁରକ୍ଷା ନେଇ ଛାତ୍ରୀମାନେ ସ୍ଲୋଗାନ ଦେଇ ନଗର ପରିକ୍ରମା କରିବା ସହ ଥାନା, ମେଡିକାଲ ଓ ଦଣ୍ଡୀଶ୍ୱର ପୀଠକୁ ସଫା କରିଥିଲେ। ପରେ ମହାତ୍ମାଗାନ୍ଧୀଙ୍କ ବାଣୀ ଅହିଂସା ପରମ ଧର୍ମକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।।

**ଚିକିଟି:** ଚିକିଟି ବ୍ଲକ୍‌ର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରି ପରିମଳ ଓ ପ୍ଲାଷ୍ଟିକ୍ ବର୍ଜନ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ ଏବଂ କେତେକ ଅନୁଷ୍ଠାନରେ ଚାରାରୋପଣ କରାଯାଇଥିଲା। ନୂଆପଡା ସରକାରୀ ଉଚ୍ଚବିଦ୍ୟାଳୟ, ଏବଂ ଚିକିଟିପେଣ୍ଠ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଦିଗପହଣ୍ଡି:** ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟମାନଙ୍କ ସହିତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ପରେ ସଂଘର କର୍ମକର୍ତ୍ତା ମାନେ ବଜାର ସାହି ଗାନ୍ଧୀ ଛକରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗାନ୍ଧୀଜୀଙ୍କ ସ୍ମୃତିଚାରଣ କରିଥିଲେ।

**ସୋରଡ଼ା:** ଗାନ୍ଧୀ ସ୍ମୃତି ସେବା ସଂଘ ପକ୍ଷରୁ ସମାଜିକ କର୍ମୀ ଲଡୁକିଶୋର ଦାଶଙ୍କ ସଂଯୋଜନାରେ ଗାନ୍ଧୀସ୍ମୃତି ଭବନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମାଜିକ କର୍ମୀ ରାଧାକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରୀମାନେ ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା କରିଥିଲେ। ରଷିକୂଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ରେଡକ୍ରସ ପକ୍ଷରୁ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

**ପୋଲସରା:** ପୋଲସରା ବ୍ଲକ କଳମ୍ବ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀରେ ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ପ୍ରତିଯୋଗିତା ହୋଇଯାଇଛି। ସଭାରେ ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନ ପୌରୋହିତ୍ୟରେ କରିଥିଲେ। ଗୋପବନ୍ଧୁ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗିଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

**ଆର.ଉଦୟଗିରି:** ଆର.ଉଦୟଗିରି ପଞ୍ଚାୟତ ଓ ଏହାର ଆଖପାଖ ଗ୍ରାମରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବ୍ଲକ ଉପାଧକ୍ଷ ନବୀନ ରଇତ, ସରପଞ୍ଚ ସଂଯୁକ୍ତା ପୂଜାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ ।

**ଖଲ୍ଲିକୋଟ:** ଖଲ୍ଲିକୋଟ ଚାଣକ୍ୟ ଘରୋଇ କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଆସି ସ୍ଥାନୀୟ ବସଷ୍ଟାଣ୍ଡରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧକ୍ଷ ରଘୁନାଥ ବେହେରା ଓ ପରିଚାଳକ ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ସେହିପରି ଖଲ୍ଲିକୋଟ ବରିଷ୍ଠ ନାଗରିକ ସଂଘ ସଭାପତି ଡ଼. ହର ପ୍ରସାଦ ମହାପାତ୍ର, ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଟନାୟକଙ୍କ ସମେତ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଶତାଧିକ ବିଜେଡି କର୍ମୀଙ୍କ ସହ ଶୋଭାଯାତ୍ରାରେ ଆସି ମାଲ୍ୟାର୍ପଣ କରିଥିଲେ ।

